## ସଂକ୍ଷେପରେ

### ପ୍ରଚାର ଗାଡ଼ି ଭଙ୍ଗାରୁଜା, ଚାଳକଙ୍କୁ ଆକ୍ରମଣ

**ଡେରାବିଶ,୧୪।୨(ସ୍ୱ.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଡେରାବିଶ ବ୍ଲକରେ ବୁଧବାର ଅନୁଷ୍ଠିତ ହେବ । ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି । ହେଲେ ରବିବାର ନିର୍ଦ୍ଦିଷ୍ଟ ଏକ ଦଳର ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର ବ୍ଲକ ଅଧୀନ ଇନ୍ଦାଲୋ ପଞ୍ଚାୟତରେ ଚାଲିଥିଲା । ଏହି କାର୍ଯ୍ୟରେ ନିୟୋଜିତ ଥିବା ଏକ ଗାଡ଼ି ଓ ଗାଡ଼ିର ଡ୍ରାଇଭରଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିଲେ । ଏପରିକି ସମ୍ପୃକ୍ତ ଗାଡ଼ିକୁ ଭାଙ୍ଗାରୁଜା କରିଥିବା ନେଇ ଗାଡ଼ିର ଚାଳକ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ସୋମବାର ଥାନାରେ ଏକ ମାମଲା(ନଂ.୫୩/୨୨) ରୁଜୁ ହୋଇଛି । ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପବିତ୍ର ମହାରଣା ସୂଚନା ଦେଇଛନ୍ତି ।

### ଭାଜପା ଚଳିତ ନିର୍ବାଚନରେ ବୋର୍ଡ ଗଠନ କରିବ



**କେନ୍ଦ୍ରାପଡ଼ା ଅଫିସ,୧୪।୨:** କେନ୍ଦ୍ରାପଡ଼ା ଜିଲାରେ ୨୨ରୁ ୨୫ ପ୍ରାର୍ଥୀ ଜିତି ଭାଜପା ଜିଲା ପରିଷଦ ବୋର୍ଡ ଗଠନ କରିବ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ଭୁବନ ମୋହନ ଜେନା ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ କରି ସୋମବାର ଏପରି ଆକଳନ କରିଛନ୍ତି। ସହରର ଗୋପସ୍ଥିତ କମଳ ଭବନରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଦୁର୍ଯ୍ୟୋଧନ ସାହୁ, କୃଷକ ମୋର୍ଚ୍ଚା ସଂଯୋଜକ ପବିତ୍ର ପରିଡ଼ା, ପ୍ରସନ୍ନ ପରିଡ଼ା, ଭୁବନ ମୋହନ ସିଂହ ଯୋଗଦେଇଥିଲେ। ବରିଷ୍ଠ ନେତା ଜେନା କହିଥିଲେ, ଗତ ୨୦୧୭ ନିର୍ବାଚନରେ ୩୨ ଜୋନ୍ ମଧ୍ୟରୁ ଭାଜପା ୧୦ଟି ଆସନ ପାଇ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏପରି କି ଭୋଟ ଗ୍ରହଣ ହାରରେ କଂଗ୍ରେସକୁ ପଛରେ ପକାଇ ତୃତୀୟ ସ୍ଥାନକୁ ଠେଲି ଦେଇଥିଲା। ସେ ସମୟରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ଦୋଳଗୋବିନ୍ଦ ନାୟକ, ଅଲେଖ ଜେନା, ବିଜୟ ପ୍ରଧାନ ପ୍ରମୁଖ ନ ଥିବା ବେଳେ ଚଳିତ ନିର୍ବାଚନରେ ସକ୍ରିୟ ଅଛନ୍ତି। ଏହାସହ ବିଜେଡିର ଅନ୍ତଃକନ୍ଦଳ ଭାଜପା ପ୍ରତି ଭୋଟରଙ୍କୁ ଆକୃଷ୍ଟ କରିଛି। ତୃଣମୂଳ ସମସ୍ୟା ପାଇଁ ଭାଜପାର ନିରନ୍ତର ଆନ୍ଦୋଳନ ଓ ସଙ୍ଗଠନକୁ ମଜଭୁତ କରାଯାଇଥିବାରୁ ଭାଜପାର ଭୋଟ୍‌ହାରରେ ଯଥେଷ୍ଟ ଉନ୍ନତି ଆସିବ ଓ ବୋର୍ଡ ଗଠନ କରିବ ବୋଲି ସେ ପ୍ରକାଶ କରିଛନ୍ତି।

### ପୂର୍ବତନ ରାଜସ୍ୱ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର ଅଫିସ,୧୪।୨:** ବିନୟ କୁମାର ସ୍ମୃତି ସଂସଦ ପକ୍ଷରୁ ପୂର୍ବତନ ରାଜସ୍ୱ ଅଧିକାରୀ ବିନୟ କୁମାର ସାମଲଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ସଂସଦର ଅଧ୍ୟକ୍ଷ ଭୂପତି ଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାକୁ କୁଚିଣ୍ଡା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପଟେଲ ଉଦ୍‌ଘାଟନ କରିଥିଲେ। ଏଥିରେ ସାହିତ୍ୟିକ ଘନ ପରିଡ଼ା, ପ୍ରାକ୍ତନ ଏମ୍‌ପି ଅଞ୍ଚଳ ଦାସ, ଭାଜପା ନେତା ଗୌତମ ରାୟ, ଅଭିମନ୍ୟୁ ସାମନ୍ତସିଂହାର ସ୍ମୃତିସମ୍ପଦ ସମ୍ପାଦକ ଶରତଚନ୍ଦ୍ର ଜେନା, ଶିକ୍ଷାବିତ୍ ମନ୍ମଥ୍ ରାୟ, ଖବରଦାତା ସ୍ମରଜିତ୍ ମହାନ୍ତି ପ୍ରମୁଖ ଯୋଗଦେଇ ସାମଲଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା ସ୍ମୃତିଶିଖା ଅତିଥିମାନଙ୍କଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥିରେ ବରିଷ୍ଠ ଖବରଦାତା ହରିହର ସ୍ୱାଇଁ ସ୍ୱାଗତ ଭାଷଣ ଓ ସ୍ମୃତି ସମ୍ପଦର ସମ୍ପାଦକ ସୁରଜଲାଲ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା ଅଫିସ, ୧୪।୨:**କେନ୍ଦ୍ରାପଡ଼ା ଜିଲାର ସାମାଜିକ ଅନୁଷ୍ଠାନ ଜୟ ରାଷ୍ଟ୍ର ପକ୍ଷରୁ ପୁଲ୍‌ୱାମା ଶହୀଦଙ୍କୁ ସୋମବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଶହୀଦଙ୍କ ସମ୍ମାନାର୍ଥେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି । ରାଷ୍ଟ୍ର ସର୍ବୋପରି ଓ ଶହୀଦଙ୍କ ବଳିଦାନ ଆଗାମୀ ଯୁବପିଢ଼ିଙ୍କୁ ରାଷ୍ଟ୍ରବାଦ ପ୍ରତି ଅନୁପ୍ରାଣିତ କରିବ ବୋଲି ଉପସ୍ଥିତ ବକ୍ତାମାନେ ମତ ଦେଇଥିଲେ। ଏଥିରେ ବୀରେନ୍ଦ୍ର ଦାସ, ମାତୃଦତ୍ତ ମହାନ୍ତି, ମଳୟ ସାହୁ, ରଶ୍ମିରଞ୍ଜନ ସ୍ୱାଇଁ, ନିରଞ୍ଜନ ପରିଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ସାମିଲ ହୋଇଥିଲେ।

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ଅସନ୍ତୁଷ୍ଟ ଅଡୁଆ

**ଜଗତ୍‌ସିଂହପୁର ଅଫିସ, ୧୪।୨**

**ତିର୍ତ୍ତୋଲ ଜିଲା ପରିଷଦ ୩ ନଂ. ଜୋନ**
- ୩ ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା
- ପଞ୍ଚାୟତରୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ଭାଇ ଓ ଅନ୍ୟଜଣେ ପ୍ରାର୍ଥୀ
- ୨୦୧୭ରେ ୪ ପଞ୍ଚାୟତରେ କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଜିତିଥିଲେ

ତିର୍ତ୍ତୋଲ ଜିଲା ପରିଷଦ ୩ ନଂ. ଜୋନର ସ୍ୱତନ୍ତ୍ରତା ଅଛି। କାରଣ ଏହି ଜୋନ ଅନ୍ତର୍ଗତ ବିରିଡୋଳ ପଞ୍ଚାୟତରୁ ୨ ଜଣ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରାଙ୍କ ଭାଇ। ଅନ୍ୟପକ୍ଷେ ୨୦୧୭ ନିର୍ବାଚନରେ ଜୋନ ଅନ୍ତର୍ଗତ ୮ରୁ ୪ଟି ପଞ୍ଚାୟତରେ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଜିତିଥିଲେ। ବଡ କଥା ହେଲା ଜିଲା ପରିଷଦ ସଭ୍ୟ ପଦ କ୍ଷେତ୍ରରେ କିନ୍ତୁ ବିଜେଡି ପ୍ରାର୍ଥୀଙ୍କୁ ଭଲ ଭୋଟ ମିଳିଥିଲା। କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିବ ବୋଲି ଆଶା କରାଯାଉଥିଲେ ସୁଦ୍ଧା ତାହା ହୋଇ ନ ଥିଲା। ଭାଜପା ପ୍ରାର୍ଥୀ ୨ୟ ସ୍ଥାନରେ ରହି ସମୀକରଣ ଓଲଟପାଲଟ କରି ଦେଇଥିଲେ। ଆଗାମୀ ନିର୍ବାଚନରେ ଏହି ଜୋନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଆଶା କରାଯାଉଥିବା ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

ତିର୍ତ୍ତୋଲ ୩ନଂ. ଜୋନଟି ଗତଥର ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ଏଥର ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣ କରାଯାଇଛି। ଏହି ଜୋନ କହିଲେ, ବିରିଡୋଳ, ଗୋପାଳପୁର, ଗୋବିନ୍ଦପୁର, କନକପୁର, ମୂଳିସିଂହ, ପଟିଲୋ, କୋଷ୍ଟିମଲ୍ଲିକାପୁର ଓ ସଅଁରା ପଞ୍ଚାୟତକୁନେଇ ଗଠିତ । ଗତ ନିର୍ବାଚନରେ ଜୋନର ଭୋଟର ସଂଖ୍ୟା ୩୨୩୪୮ ଥିଲା। କିନ୍ତୁ ଏଥର ଅଧିକ ୨୯୩୧ ଜଣ ଯୋଡି ହୋଇଛନ୍ତି। ଯାହାଦ୍ୱାରା ମୋଟ ଭୋଟର ସଂଖ୍ୟା ୩୫,୨୭୯ରେ ପହଞ୍ଚିଛି। ୨୦୧୭ ନିର୍ବାଚନ ଫଳାଫଳ ଦେଖିଲେ ଜଣାଯାଏ ଏହି ଜୋନରୁ ବିଜେଡି ପ୍ରାର୍ଥୀ ଲିପାଲି ରାଉଳଙ୍କୁ ୧୨,୨୨୩ ଖଣ୍ଡ, ଅର୍ଥାତ୍ ମୋଟ ମତଦାନର ୩୬.୭୪% ଭୋଟ ମିଳିଥିଲା। କଂଗ୍ରେସର ଜାନକୀ ସାସମଲଙ୍କ ସପକ୍ଷରେ ୫,୬୮୧ ଖଣ୍ଡ, ଅର୍ଥାତ୍ ୧୭.୦୭% ଭୋଟ ଯାଇଥିଲା। ଭାଜପାର ଅନ୍ନପୂର୍ଣ୍ଣା ରାଉତଙ୍କୁ ୮,୩୨୪ ଖଣ୍ଡ, ଅର୍ଥାତ୍ ୨୫.୦୨% ଭୋଟ ମିଳିଥିଲା। ତେବେ ଏହି ନିର୍ବାଚନରେ ଭାଜପା ପ୍ରାର୍ଥୀ ରାଉତଙ୍କଠାରୁ ବିଜେଡିର ରାଉଳ ଅଧିକ ୩,୮୯୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏଥର ବିଜେଡିରୁ ସୁନିଲ କୁମାର ବେହେରା, କଂଗ୍ରେସରୁ ମାନସ ରଞ୍ଜନ ବେହେରା ଓ ଭାଜପାରୁ ରଞ୍ଜିତ କୁମାର ବେହେରା ପ୍ରାର୍ଥୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ରଞ୍ଜିତ ଉଚ୍ଚଶିକ୍ଷିତ। ଜଗତ୍‌ସିଂହପୁର କୋର୍ଟରେ ଓକିଲାତି କରୁଛନ୍ତି। ସେ କହିଛନ୍ତି, ଅଞ୍ଚଳର ଲୋକେ କୌଣସି କାରଣରୁ କୋର୍ଟର ଆଶ୍ରୟ ନେଲେ ସେ ସହଯୋଗ କରିଥାନ୍ତି। ଏଥିସହ ଜୋନ ଅନ୍ତର୍ଗତ ପଞ୍ଚାୟତଗୁଡିକରେ ହେଉଥିବା ଦୁର୍ନୀତିର ପର୍ଦ୍ଦାଫାସ ପାଇଁ ଆର୍‌ଟିଆଇରେ ସୂଚନା ମାଗିଥାନ୍ତି। ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଓ ସରପଞ୍ଚମାନଙ୍କ ଦୁର୍ନୀତି ଯୋଗୁ ଲୋକେ ଅତିଷ୍ଠ। ଯାହାକି ତାଙ୍କୁ ସହଯୋଗ କରୁଛି। ଏହା ଭିତରେ ନିଜ ପଞ୍ଚାୟତ ମୂଳିସିଂହ ସହ ସେ ପଟିଲୋ ଓ କୋଷ୍ଟିମଲ୍ଲିକାପୁର ପଞ୍ଚାୟତରେ ଡୋର କ୍ୟାମ୍ପେନିଂ ବେଳେ ଭଲ ସମର୍ଥନ ମିଳିଛି। ବିଶେଷକରି ଗୋବିନ୍ଦପୁର, କନକପୁର, ସଅଁରା, ପଟିଲୋ ଓ କୋଷ୍ଟିମଲ୍ଲିକାପୁରରେ ଅଧିକ ଭଲ ଫଳ ମିଳିବ ବୋଲି ଆଶା କରାଯାଉଥିବା ରଞ୍ଜିତ ମତପ୍ରକାଶ କରିଛନ୍ତି। ବିଜେଡି ପ୍ରାର୍ଥୀ ସୁନିଲ ଜଣେ ବ୍ୟବସାୟୀ। ରାଜନୀତିରେ ନୂଆ ହୋଇଥିଲେ ସୁଦ୍ଧା ତାଙ୍କ ଭଉଣୀ ତଥା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା। ଏହି କାରଣରୁ ଦଳ ସୁନିଲଙ୍କ ଉପରେ ଆସ୍ଥା ପ୍ରକଟ ସହ ପ୍ରାର୍ଥୀ କରିଛି। ତାଙ୍କ ପୂର୍ବରୁ ବିରିଡୋଳ ସମିତିସଭ୍ୟାଙ୍କ ସ୍ୱାମୀ ଦେବେନ୍ଦ୍ର ମଲ୍ଲିକ ଏହି ଜୋନରୁ ବିଜେଡି ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। ଦେବେନ୍ଦ୍ର କଂଗ୍ରେସର ଜଣେ ଜଣାଶୁଣା ନେତା ଥିଲେ। ସେ ବିଜେଡିରେ ମିଶିଲା ପରେ ତାଙ୍କୁ ଜିଲା ପରିଷଦ ପ୍ରାର୍ଥୀ କରାଯିବ ବୋଲି ଚର୍ଚ୍ଚା ଚାଲିଥିଲା। ଶେଷରେ ସୁନିଲଙ୍କୁ ଜିଲା ପରିଷଦ ଓ ଦେବେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ବିରିଡୋଳ ସମିତି ସଭ୍ୟ ପ୍ରାର୍ଥୀ କରାଯାଇଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଗତ ନିର୍ବାଚନରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଜିତିଥିଲେ ସୁଦ୍ଧା ନେତୃତ୍ୱଙ୍କ ମନରେ ହରସ ନ ଥିଲା। କାରଣ କଂଗ୍ରେସ ସମର୍ଥନରେ କନକପୁର, ବିରଡୋଳ, ମୂଳିସିଂହ ଓ ସଅଁରା ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନେ ଜିତିଥିଲେ। ଆଗାମୀ ନିର୍ବାଚନରେ ଯେପରି ଗତ ନିର୍ବାଚନ ଫଳର ପୁନରାବୃତ୍ତି ନ ହୁଏ ସେନେଇ ବିଜେଡି ନେତୃତ୍ୱ ରଣନୀତି ଆପଣାଉଥିବା ସୂଚନା ଦିଆଯାଇଛି। କଂଗ୍ରେସ ପ୍ରାର୍ଥୀ ମାନସ କହିଛନ୍ତି ତାଙ୍କ ପାଖରେ ଅର୍ଥ ବଳ କି ବାହୁ ବଳ ନାହିଁ ସତ। କିନ୍ତୁ ଦୀର୍ଘ ୨୦ ବର୍ଷର ରାଜନୈତିକ ଅଭିଜ୍ଞତା ଅଛି। ଦୀର୍ଘବର୍ଷ ଧରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ଆତ୍ମସନ୍ତୋଷ ପାଉଛି। କୌଣସି ଲୋକଙ୍କ କାମ କଲାବେଳେ ଦଳ ଦେଖେନି। ଦଳ ଅପେକ୍ଷା ବ୍ୟକ୍ତିଗତ ସମ୍ପର୍କକୁ ଗୁରୁତ୍ୱ ଦିଏ। ଯେଉଁ କାରଣରୁ ଦଳ, ବଳ ନିର୍ବିଶେଷରେ ପ୍ରତ୍ୟେକ ତାଙ୍କୁ ଆଦର ଓ ଶ୍ରଦ୍ଧା କରନ୍ତି। ଏହାକୁ ସମ୍ବଳ କରି ସେ ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ସଫଳତା ମିଳିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଦେଖିବାର ଅଛି ଆଗକୁ ସମୀକରଣ କେଉଁ ମୋଡ ନେଉଛି ।



ରାଜନଗରରେ ଯୁବତୀଯୁବକଙ୍କ ଦ୍ୱାରା ପିତୃପୂଜନ କରାଯାଉଛି।

## ପ୍ରଚାର ସରିଲା, ୧୬ରେ ନିର୍ବାଚନ

**ଡେରାବିଶ, ୧୪।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଥମ ପର୍ଯ୍ୟାୟ ବୁଧବାର ଅନୁଷ୍ଠିତ ହେବ। ଉକ୍ତ ବ୍ଲକ ଅଧୀନରେ ୨୬ଗୋଟି ପଞ୍ଚାୟତ ରହିଛି। ଏଥିସହ ୧୨ନଂ., ୧୩ ନଂ. ଓ ୧୪ନଂ. ଜିଲା ପରିଷଦ ଜୋନ୍ ରହିଛି। ଦୀର୍ଘ ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ପଞ୍ଚାୟତରେ ୱାର୍ଡସଭ୍ୟ, ସରପଞ୍ଚ ଓ ସମିତିସଭ୍ୟ ପଦ ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରଚାର ଅଭିଯାନ ଜୋର୍‌ଦାର ହୋଇଥିଲା। ତେବେ ଗତ ୧୦ ତାରିଖଠାରୁ ବିଭିନ୍ନ ଗାଁ ଗହଳିରେ ରଙ୍ଗବେରଙ୍ଗର ତୋରଣ ସହ ପ୍ରାର୍ଥୀଙ୍କ ପ୍ରଚାର ଶୋଭାଯାତ୍ରା ବ୍ଲକ ଅଞ୍ଚଳକୁ ସରଗରମ କରିଥିଲା। ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ବେଳେ କରୋନା କଟକଣା କୋହଳ ହେବା ପରେ ପ୍ରଚାର ଅଭିଯାନ ଗାଁ ଗହଳିରେ ସରଗରମ ହୋଇଥିଲା। ସୋମବାର ସନ୍ଧ୍ୟାରେ ପ୍ରଚାର ବନ୍ଦ ହୋଇଯିବା ପରେ ପ୍ରାର୍ଥୀମାନେ କେବଳ ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରିବା ସହ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ କେବଳ ପ୍ରତିଶ୍ରୁତି ଦେଇଚାଲିଥିଲେ। ଏହି ବ୍ଲକର ରଘୁଦେଇପୁର ପଞ୍ଚାୟତରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ସାହୁ, ବାରିମୂଳ ପଞ୍ଚାୟତରେ ସରୋଜକାନ୍ତ ସାହୁ ଓ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଯଅଁରା ବାରିମୂଳ ପଞ୍ଚାୟତରେ ସମିତିସଭ୍ୟ ପଦ ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତେବେ ଏହି ୩ ପଞ୍ଚାୟତରେ ରାଜନୈତିକ ବାତାବରଣରେ ଉଷ୍ମତା ଦେଖାଦେଇଛି। ଚଳିତ ନିର୍ବାଚନ ପ୍ରଚାରରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଦଳୀୟ ସମର୍ଥିତ ସମସ୍ତ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରତ୍ୟେକ ପଞ୍ଚାୟତରେ ଗାଁକୁ ଗାଁ ବୁଲି ପ୍ରଚାର କରୁଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ଦଳୀୟ ସଙ୍କେତରେ ହୋଇଥିବା ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ମାତ୍ର ଭାଜପା ଓ କଂଗ୍ରେସର ଜିଲା ପରିଷଦ, ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନେ କେବଳ ନିଜ ସମର୍ଥକଙ୍କ ସହ ଭୋଟରଙ୍କୁ ଭେଟୁଥିବା ଦେଖିବାକୁ ମିଳିଥିଲା। ଏହି ବ୍ଲକରେ ସମୁଦାୟ ଭୋଟର ସଂଖ୍ୟା ୧,୧୮,୫୫୬ ରହିଥିବା ବେଳେ ସେଥିମଧ୍ୟରୁ ମହିଳା ଭୋଟର ୫୭,୦୦୧ ଓ ପୁରୁଷଙ୍କ ସଂଖ୍ୟା ୬୧,୫୫୩ ଓ ତୃତୀୟ ଲିଙ୍ଗ ଭୋଟର ୨ ଜଣ ରହିଛନ୍ତି। ୧୬ ତାରିଖରେ ଭୋଟ ଦେଇ ମତଦାତା ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

## କୁଜଙ୍ଗ ପଞ୍ଚାୟତରେ ତ୍ରିମୁଖୀ ଲଢ଼େଇ

**କୁଜଙ୍ଗ,୧୪।୨(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକର ସଦର ମହକୁମା କୁଜଙ୍ଗ ପଞ୍ଚାୟତରେ ନିର୍ବାଚନୀ ପ୍ରଚାର ସରଗରମ ହେବାରେ ଲାଗିଛି। ତିନୋଟି ରାଜସ୍ୱ ଗ୍ରାମ ଯଥା ବଳରାମପୁର, କୁଜଙ୍ଗ ଓ ଭଣ୍ଡୁଆ ଗ୍ରାମକୁ ନେଇ ପଞ୍ଚାୟତ ଗଠିତ। ଏଠାରେ ୱାର୍ଡସଂଖ୍ୟା ୨୫ ହୋଇଥିବା ବେଳେ ମୋଟ୍ ଭୋଟର ୭୫୫୦। ସେଥିମଧ୍ୟରୁ ପୁରୁଷ ଭୋଟର ୩୯୮୦ ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୩୫୬୮ ଓ ୨ ସମଲିଙ୍ଗୀ ଭୋଟର ଅଛନ୍ତି। ଯେହେତୁ ଏହା ବ୍ଲକର ସଦର ମହକୁମା, ସେଥିପାଇଁ ଏହି ପଞ୍ଚାୟତକୁ ସବୁ ଦଳ ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଥିବା ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ ପଞ୍ଚାୟତଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ବନ୍ଦିତା ଦାସ, ଭାଜପା ସମର୍ଥିତ ପ୍ରାର୍ଥିନୀ ମଧୁସ୍ମିତା ଗୁରୁ, କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ନଜରାନା ପରୱିନ୍ ଓ ସ୍ୱାଧୀନ ପ୍ରାର୍ଥିନୀ ଭାବେ ସଞ୍ଜୁକ୍ତା ମହାରଣା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ୪ ପ୍ରାର୍ଥିନୀ ଅବତୀର୍ଣ୍ଣ ହୋଇଥିଲେ ବି ବିଜେଡି ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ବାରିହୋଇପଡୁଛି। ବିଜେଡି ପ୍ରାର୍ଥିନୀ ବନ୍ଦିତା ୨୦୧୨ରେ ସରପଞ୍ଚ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଦୀର୍ଘ ୧୦ ବର୍ଷର ନୀରବତା ପରେ ପୁଣି ସେ ନିର୍ବାଚନ ରାଜନୀତିରେ ଅବତୀର୍ଣ୍ଣ ହୋଇଛନ୍ତି। ବନ୍ଦିତା ରାଜନୀତିରେ ଜଣାଶୁଣା ହୋଇଥିବା ବେଳେ ଅନ୍ୟମାନେ ନୂଆ। ବନ୍ଦିତା, ପରୱିନ୍ ଓ ସଞ୍ଜୁକ୍ତା ବଳରାମପୁର ଗ୍ରାମର ହୋଇଥିବାବେଳେ ମଧୁସ୍ମିତାଙ୍କ ଘର କୁଜଙ୍ଗ (ଜଗନ୍ନାଥପୁର) ମୌଜାରେ। ପ୍ରାୟ ୩୦ ବର୍ଷ ହେବ ସରପଞ୍ଚ ପଦବୀ ବଳରାମପୁର ହାତରେ ରହିଛି। ଚଳିତ ନିର୍ବାଚନରେ ଜଗନ୍ନାଥପୁରର ବହୁସଂଖ୍ୟକ ବାସିନ୍ଦା ତାଙ୍କ ଗାଁକୁ ସରପଞ୍ଚ ପଦବୀ ଆସୁ ବୋଲି ଚାହୁଁଛନ୍ତି। ହେଲେ ବଳରାମପୁର ମୌଜାର ଭୋଟର ସଂଖ୍ୟା ପଞ୍ଚାୟତର ସମୁଦାୟ ଭୋଟ୍ ମଧ୍ୟରୁ ଅଧାରୁ ଅଧିକ। ମୁସଲିମ ଭୋଟର ପାଖାପାଖି ୧ ହଜାର ହେବେ। କଂଗ୍ରେସ ପ୍ରାର୍ଥିନୀ ଯଦି ମୁସଲିମ ଭୋଟ ସବୁ ତାଙ୍କ ସପକ୍ଷରେ ନେବେ ତେବେ ଭାଜପା, ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେବ। ତେଣୁ ମୁସ୍‌ଲିମ ଭୋଟ ଉପରେ ଏବେ ସମସ୍ତଙ୍କ ନଜର, ଯାହା ଆଗାମୀ ନିର୍ବାଚନରେ ନିର୍ଣ୍ଣାୟକ ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି।

## ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ପାଣିକୋଇଲି,୧୪।୨(ଡି.ଏନ.ଏ.)**

ଜମ୍ମୁ-କଶ୍ମୀରର ପୁଲ୍‌ୱାମାଠାରେ ୨୦୧୯ ଫେବୃୟାରୀ ୧୪ରେ ଭାରତୀୟ ଯବାନଙ୍କ ଉପରେ ଏକ ଆତ୍ମଘାତୀ ଆକ୍ରମଣ ହୋଇଥିଲା। ଏଥିରେ ୪୦ଜଣ ଯବାନ ଶହୀଦ ହୋଇଥିଲେ। ସେଦିନ ଭାରତ ପାଇଁ ଏକ କଳାଦିନ ଥିଲା। ଏହି ବୀର ଶହୀଦମାନଙ୍କୁ ପାଣିକୋଇଲି ତାରିଣୀ ମନ୍ଦିର ପରିସରରେ 'ଆମେ ଆପଣଙ୍କ ପାଇଁ ହେଲ୍‌ପିଂ ଗ୍ରୁପ୍' ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅନୁଷ୍ଠାନ ସଭାପତି ଅଶୋକ କୁମାର ଦାସ, କୋରେଇ ପ୍ରେସ୍ କ୍ଲବ ସଭାପତି ସୁବାସ ଧଳ, ଏସ୍‌ଆଇ ଅଶୋକ କୁମାର ବଳ, ରୁଦ୍ରପ୍ରତାପ ପାଢ଼ୀ, ମନୋଜ ଦାସ, ସୁବଳ ବେହେରା, ପ୍ରମୋଦ ଦଳାଇ, ଶୁଭାଶିଷ ସାହୁ, ପର୍ଶୁରାମ ପଣ୍ଡା, ରାକେଶ ମହାନ୍ତି, ପ୍ରଳୟ ସାହୁ, ପରେଶ ଛୋଟରାୟ, ଦୀପକ ସାହୁ, ରୁଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ନିର୍ବାଚନ ବେଳେ ମନେପଡ଼େ ମହୁଲପଦା ଗାଁ

**କଳିଙ୍ଗନଗର,୧୪।୨(ଡି.ଏନ.ଏ.)**

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ବିକାଶଠାରୁ ଦୂରେଇ ଯାଇଛି
- ଅଭିଯୋଗ ସତ୍ତ୍ୱେ ହେଉନି ସମାଧାନ

ଧାତବ ଶିଳ୍ପର ରାଜଧାନୀ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସଂଲଗ୍ନ ପଞ୍ଚାୟତ ମଧ୍ୟରୁ ଯଖପୁରା ଅନ୍ୟତମ। ଏହି ପଞ୍ଚାୟତର ମହୁଲପଦା ଗାଁକୁ ଦେଖିଲେ ତାହା ବିକାଶ ନକ୍ସାରୁ ବାଦ ପଡ଼ିଥିବା ଅନୁଭବ ହୁଏ। ଗାଁ ବିକାଶରେ ପ୍ରକୃତ ବିକାଶ ନ୍ୟାୟରେ ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର କରାଯାଇଛି। ମାତ୍ର ବ୍ୟାପକ ଅନୁଦାନ ସତ୍ତ୍ୱେ ବଦଳି ନାହିଁ ଏହି ଗାଁର ଦୁସ୍ଥତା ଚିତ୍ର। ନିର୍ବାଚନ ଆସିଲେ ବିଭିନ୍ନ ରାଜନୈତକ ଦଳର ନେତା ଓ ପ୍ରାର୍ଥୀମାନେ ଏହି ଗାଁକୁ ମନେ ପକାଇଥାନ୍ତି। ମାତ୍ର ଭୋଟ୍ ସରିଗଲା ପରେ ସମସ୍ତେ ଭୁଲି ଯାଆନ୍ତି। ଉକ୍ତ ଗାଁର ମୁଖ୍ୟ ସମସ୍ୟା ହେଉଛି ଏହାର ପ୍ରବେଶପଥ ସଲଗ୍ନ ରାସ୍ତା। ଅସରାଏ ବର୍ଷା ହେଲେ ଗାଁ ରାସ୍ତାରେ ଚାଲିବା କଷ୍ଟକର। ଶତ ପ୍ରତିଶତ ତଫସିଲଭୁକ୍ତ ଜାତି ଲୋକେ ବାସ କରୁଥିବା ଏହି ଗାଁରେ ୧୬ ଘରେ ପାଖାପାଖି ୩୦ ପରିବାର ରହୁଛନ୍ତି। ଗ୍ରାମବାସୀଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଦିନ ମଜୁରିଆ। କେହିକେହି ପାଖ କାରଖାନାରେ ଠିକା ଶ୍ରମିକ ଭାବେ କାମ କରନ୍ତି। ସବୁ ପରିବାର ଭୂମିହୀନ ହୋଇଥିବାବେଳେ ସରକାରୀ ଜମିରେ ଘର କରି ରହୁଛନ୍ତି। ଗ୍ରାମର କାହାକୁ ବସୁନ୍ଧରା ଯୋଜନାରେ ସାମିଲ କରାଯାଇନାହିଁ। ଦୀର୍ଘ ଦିନ ଧରି ଉପେକ୍ଷିତ ରହିଛନ୍ତି ଏହି ଗାଁର ଲୋକେ।



ଗାଁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଗ୍ରାମର ବାସନ୍ତି ମଲିକଙ୍କ କହିବା ମୁତାବକ, ସବୁଥର ନିର୍ବାଚନ ପୂର୍ବରୁ ଆମ ଗାଁରେ ଭିଡ଼ ହୁଏ। ଭୋଟ ଭିକ୍ଷା ବାହାନାରେ ପ୍ରଚୁର ପ୍ରତିଶ୍ରୁତି ଅଜାଡ଼ି ଦିଆଯାଏ। ମାତ୍ର ଭୋଟ ସରିଲେ କାଶିଆ କିଏ ନା କପିଳା କିଏ। ଗାଁ ରାସ୍ତା କଂକ୍ରିଟ କରିବାକୁ ବିଡିଓଙ୍କଠାରୁ ନେତାଙ୍କ ପର୍ଯ୍ୟନ୍ତ ବାରମ୍ବାର ଦାବି ଜଣାଇ ନେହୁରା ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ନିର୍ବାଚନ ପରେ କେମିତି ଅଛୁ ବୁଝିବାକୁ ଆମ ଗାଁରେ ଦିନେ କାହାର ପାଦ ପଡ଼ିନାହିଁ। ଚଳିତଥର ଏହି ପଞ୍ଚାୟତରୁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ଅରୁଣ ଜ୍ୟୋତି ସାମଲ, ଭାଜପା ସମର୍ଥିତ ପ୍ରାର୍ଥୀ କୁଳମଣି ଧଳ ଏବଂ ସ୍ୱାଧୀନ ଭାବେ ଦୀପକ କୁମାର ନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପଞ୍ଚାୟତ ଅଧୀନ ୧୫ ୱାର୍ଡର ମୋଟ୍ ୩୮୩୮ ଭୋଟର ମତଦାନ କରିବେ। ତେବେ ଏଥର ଲୋକେ କାହାକୁ ବିଜୟୀ କରାଇବେ ତାହା ଭୋଟ୍ ଗଣତି ପରେ ଜଣାପଡ଼ିବ। ମାତ୍ର ସମସ୍ୟା ଯେଉଁମାନେ ସମାଧାନ କରିବେ ଲୋକେ ସେମାନଙ୍କୁ ଭୋଟ୍ ଦେବେ ବୋଲି କହିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଲୋକେ କାହାକୁ ଚୟନ କରୁଛନ୍ତି।

## ଡେରାବିଶ ବ୍ଲକରେ ୧୯୨ ବୁଥ୍ ଉତ୍ତେଜନା ପ୍ରବଣ

**ଡେରାବିଶ,୧୪।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ୨୬ ପଞ୍ଚାୟତରେ ୩୯୦ ବୁଥ୍ ରହିଛି । ଏହି ବ୍ଲକ ପାଇଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ । ବ୍ଲକ ଅଞ୍ଚଳରେ ଥିବା ବୁଥ୍‌ମାନଙ୍କ ମଧ୍ୟରୁ ୧୯୨ ବୁଥ୍ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଗୋପବନ୍ଧୁ ଭୋସଗାର ସୂଚନା ଦେଇଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ସମସ୍ତ ବୁଥ୍‌କୁ ପୋଲିଂ ପାର୍ଟି ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ନିର୍ବାଚନକୁ ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ପ୍ରତି ୨ ପଞ୍ଚାୟତରେ ଦୁଇଟି ମୋବାଇଲ୍ ଟିମ୍ ନିଯୁକ୍ତି କରାଯାଇଥିବା ବିଡ଼ିଓ କହିଛନ୍ତି । ବୁଧବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ । ସାମାଜିକ ଦୂରତା ରଖି ଭୋଟରମାନେ ସେମାନଙ୍କ ମତଦାନ କରିପାରିବେ ବୋଲି ସେ କହିଛନ୍ତି ।

## ୨୬ ନଂ. ଜୋନ୍‌ରେ ଅତନୁଙ୍କ ରୋଡ୍ ଶୋ'

**ମାର୍ଶାଘାଇ, ୧୪।୨(ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ୨୬ନଂ. ଜିଲା ପରିଷଦ ଜୋନ୍‌ରେ ବିଜେଡି ଦଳୀୟ ପ୍ରାର୍ଥୀ ପ୍ରତାପ ମଲ୍ଲିକଙ୍କ ପାଇଁ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ରୋଡ୍ ଶୋ' କରି ଭୋଟ ଭିକ୍ଷା କରିଛନ୍ତି। ବାଇକ୍ ରାଲିରେ ବିଧାୟକ ନାୟକ ଓ ଦଳୀୟ ପ୍ରାର୍ଥୀ ମଲ୍ଲିକ ତାଳସଙ୍ଗା ଛକରୁ ବାହାରି ମାଣିକପୁର, ଭୂଷରଙ୍ଗ, ଖମଗାଁ ଆଦି ଗ୍ରାମ ଦେଇ ଅନ୍ତେଇ ପଞ୍ଚାୟତରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାକରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ସେଠାରୁ ସଭା ସାରି ବିଧାୟକ ବଟରା, ମଙ୍ଗରାଜପୁର ପଞ୍ଚାୟତ ବୁଲିବା ସହ ମଙ୍ଗରାଜପୁର ଗାଁରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇ ସମସ୍ତ ଦଳୀୟ କର୍ମୀ ମତଭେଦ ଭୁଲି ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ପରିଡା, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସ୍ଥାନୀୟ ସରପଞ୍ଚ ପ୍ରଦୀପ ନାୟକ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ, ଯୁବନେତା ସର୍ବେଶ୍ୱର ଦାସ ଓ ପ୍ରିୟବ୍ରତ ବଳବନ୍ତରାୟଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ରଞ୍ଜିତ ରାଉତ ଜିଲା କ୍ରୀଡ଼ା ସଂଘ ସହସମ୍ପାଦକ



**ରସୁଲପୁର,୧୪।୨(ଡି.ଏନ.ଏ)**

ଯାଜପୁର ଜିଲା କ୍ରୀଡ଼ା ସଂଘ ନିର୍ବାଚନରେ ରସୁଲପୁର ଅଞ୍ଚଳର ୩ କ୍ରୀଡ଼ାବିତ୍ ବିଭିନ୍ନ ପଦରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ତଥା ଖଣ୍ଡିତର ଜାତୀୟ କବାଡ଼ି ଟୁର୍ନାମେଣ୍ଟର ଅନ୍ୟତମ ପୃଷ୍ଠପୋଷକ ଥିବା ଖବରଦାତା ରଞ୍ଜିତ ରାଉତ ଜିଲା କ୍ରୀଡ଼ା ସଂଘର ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଚଳିତ ନିର୍ବାଚନରେ କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ରସାନନ୍ଦ ମହାନ୍ତି ଓ ସମ୍ବିତ୍ ମହାନ୍ତିଙ୍କ ପ୍ୟାନେଲରୁ ରଞ୍ଜିତ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ, ଯେଉଁ ପ୍ୟାନେଲର ସମସ୍ତ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ସେହିପରି ରସୁଲପୁର ବ୍ଲକର ଯୁଗ୍ମ ସମ୍ପାଦକ ଭାବେ ଭାସ୍କର ମଲିକ ଏବଂ ଖୋଖୋ ବିଭାଗୀୟ ସମ୍ପାଦକ ଭାବେ ଅନାଦି ଚରଣ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରଞ୍ଜିତଙ୍କୁ ଉକ୍ତ ପଦବୀ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବହୁ ସମର୍ଥକ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ପ୍ରକାଶଯୋଗ୍ୟ, ଜିଲା କ୍ରୀଡ଼ା ସଂଘର ସ୍ଥାୟୀ ସଭାପତି ଜିଲାପାଳ ରହିଛନ୍ତି।

**ସୁଡ଼ଙ୍ଗ ଭୁଶୁଡ଼ି ୨ ଶ୍ରମିକ ମୃତ**

ମଧ୍ୟପ୍ରଦେଶର ସ୍ଲିମାନାବାଦରେ ଏକ ନିର୍ମାଣାଧୀନ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୭ ଜଣଙ୍କୁ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇଛି। ରବିବାର ରାତିରେ ବାର୍ଗି ଡ୍ୟାମ୍ କେନାଲ ପ୍ରକଳ୍ପର ଏହି ସୁଡ଼ଙ୍ଗଟି ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳୁ ଉଦ୍ଧାର ହୋଇଥିବା ୭ ଶ୍ରମିକଙ୍କୁ କଟ୍‌ନି ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଇଲ୍‌କେର ଆଇସି ଏୟାର ଇଣ୍ଡିଆ ସିଇଓ, ଏମ୍‌ଡି



**ନୂଆଦିଲ୍ଲୀ,୧୪।୨:** ତୁର୍କୀ ଏୟାରଲାଇନ୍ସର ପୂର୍ବତନ ଅଧ୍ୟକ୍ଷ ଇଲ୍‌କେର ଆଇସିଙ୍କୁ ଏୟାର ଇଣ୍ଡିଆର ସିଇଓ ତଥା ଏମ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ସୋମବାର ଅପରାହ୍ନରେ ଏୟାର ଇଣ୍ଡିଆ ବୋର୍ଡ ବୈଠକ ବସି ତାଙ୍କ ପ୍ରାର୍ଥିତ୍ୱକୁ ବିଚାରକୁ ନିଆଯାଇଥିଲା। ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ ଉକ୍ତ ବୋର୍ଡ ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଏପ୍ରିଲ୍ ୧ରୁ ଆଇସି ଏୟାର ଇଣ୍ଡିଆ ସିଇଓ ତଥା ଏମ୍‌ଡି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେ ତାଙ୍କ କାର୍ଯ୍ୟକାଳରେ ତୁର୍କୀ ଏୟାରଲାଇନ୍ସକୁ ସଫଳତା ଦେଇଥିବା ଚନ୍ଦ୍ରଶେଖରନ୍ କହିଛନ୍ତି। ସମସ୍ତଙ୍କ ମିଳିତ ଉଦ୍ୟମ ଏବଂ ଟାଟା ଗ୍ରୁପ୍ ନେତୃତ୍ୱରେ ଆମେ ଏୟାର ଇଣ୍ଡିଆର ବଳିଷ୍ଠ ଐତିହ୍ୟକୁ ବିନିଯୋଗ କରି ଏହାକୁ ବିଶ୍ୱର ଅନ୍ୟତମ ସର୍ବଶ୍ରେଷ୍ଠ ଏୟାରଲାଇନ୍ସରେ ପରିଣତ କରିବା ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୧୯୭୧ରେ ଇସ୍ତାନବୁଲରେ ଜନ୍ମିତ ଆଇସି ବିଲକେଣ୍ଟ ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ଓ ସାଧାରଣ ପ୍ରଶାସନ ବିଭାଗ ଛାତ୍ର। ୧୯୯୫ରେ ସେ ବ୍ରିଟେନ୍‌ର ଲିଡ୍ସ ୟୁନିଭର୍ସିଟିରେ ରାଜନୀତି ବିଜ୍ଞାନରେ ଗବେଷଣା କରିଥିଲେ। ୧୯୯୭ରେ ଇସ୍ତାନବୁଲର ମାର୍‌ମାରା ୟୁନିଭର୍ସିଟିରୁ ଅନ୍ତର୍ଜାତୀୟ ସମ୍ପର୍କରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ ଆଇସି।

### ୪ ପୌର ନିଗମରେ ଟିଏମ୍‌ସି ବିଜୟୀ

**କୋଲକାତା,୧୪।୨:** କୋଲକାତା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ପଶ୍ଚିମବଙ୍ଗର ବିଧାନନଗର, ସିଲିଗୁଡ଼ି, ଆସାନସୋଲ ଏବଂ ଚାନ୍ଦେରନାଗୋରେ ପୌର ନିଗମ ନିର୍ବାଚନ ଜିତିନେଇଛି। ସିଲିଗୁଡ଼ି ଏବଂ ଆସାନସୋଲରେ ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିଧାନନଗର ଏବଂ ଚାନ୍ଦେରନାଗୋରେ ପୌର ନିଗମରେ ବାମ ସାମ୍ମୁଖ୍ୟ ଦ୍ୱିତୀୟ ଏବଂ ଭାଜପା ତୃତୀୟ ସ୍ଥାନରେ ରହିଛି। ୪ ପୌର ନିଗମ ଜିତିବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ଅତୀତରେ ନିର୍ବାଚନକୁ ନେଇ ଛୋଟବଡ଼ ହିଂସାକାଣ୍ଡ ଘଟିଥିଲା ବେଳେ ଏଥର ଭୋଟ ଶାନ୍ତିପୂର୍ଣ୍ଣ ହୋଇଛି। ନିର୍ବାଚନ ପ୍ରକ୍ରିୟାକୁ ଶାନ୍ତିପୂର୍ଣ୍ଣ କରିବା ଲାଗି ମମତା ପ୍ରଶାସନକୁ ବ୍ୟକ୍ତିଗତ ଭାବେ ପରାମର୍ଶ ଦେଇଥିଲେ ବୋଲି କହିଛନ୍ତି।

### ମେଘାଳୟର ୫ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ସୁପାରିସ

**ଗୁଆହାଟୀ,୧୪।୨:** ମେଘାଳୟର ଭାଜପା ସମର୍ଥିତ ସରକାରରେ ଯୋଗଦେଇଥିବା ୫ କଂଗ୍ରେସ ବିଧାୟକ ଦଳରୁ ନିଲମ୍ବନ ହେବେ। ମେଘାଳୟ କଂଗ୍ରେସ ସଭାପତି ଭିନ୍‌ସେଣ୍ଟ ଏଚ୍. ପାଲା ସେମାନଙ୍କୁ ନିଲମ୍ବନ କରାଯିବା ଲାଗି ଏଆଇସିସିକୁ ସୁପାରିସ କରିଛନ୍ତି। ସେମାନେ ସରକାରରୁ ଓହରି ଆସିବା ସମ୍ଭାବନା କମ୍। ସେମାନେ ଦଳ ବଦଳ କରି ନ୍ୟାଶନାଲ ପିପୁଲ୍ସ ପାର୍ଟିରେ ଯୋଗଦେବେ ଏବଂ ଉକ୍ତ ଦଳ ଟିକେଟରେ ଆସନ୍ତା ବର୍ଷ ନିର୍ବାଚନ ଲଢ଼ିବେ ବୋଲି ସୂଚନା ମିଳିଛି।

# ୟୁକ୍ରେନ୍ ସଙ୍କଟ: କ’ଣ କରିବ ଭାରତ

**ଗୋଟିଏ ପଟେ ରୁଷିଆର ବନ୍ଧୁତା ଅନ୍ୟପଟେ ଆମେରିକା ସହ ସମ୍ପର୍କ ଖରାପ ନ କରିବାର ବାଧ୍ୟବାଧକତା ଭାରତକୁ ୟୁକ୍ରେନ୍ ପ୍ରସଙ୍ଗରେ ଦ୍ୱନ୍ଦ୍ୱରେ ପକାଇଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ମସ୍କୋ ଉପରେ ଏକପ୍ରକାର ନିର୍ଭରଶୀଳ ହୋଇଥିବାରୁ ଆମେରିକା ପଟୁ କଟକଣା ଭୟ ମଧ୍ୟ ଘାରୁଛି। ଏହା ସହ ଚାଇନାକୁ ପ୍ରତିହତ କରିବାକୁ ହେଲେ ଆମେରିକାର ସହଯୋଗ ଲୋଡ଼ା। ତେଣୁ ଉଭୟ ପକ୍ଷଙ୍କୁ ନେଇ ସନ୍ତୁଳନ ରକ୍ଷା ପାଇଁ ନୂଆଦିଲ୍ଲୀ ଉଦ୍ୟମ ଚଳାଇଥିବାବେଳେ ୟୁକ୍ରେନ୍ ସଙ୍କଟ ଭାରତକୁ ଅଡୁଆ ସ୍ଥିତିରେ ପକାଇଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କଲେ ଭାରତ କାହା ପକ୍ଷ ନେବ ଏବେ ତାହା ଉପରେ ବିଶ୍ୱର ନଜର।**


ଜୋ ବାଇଡେନ୍


ନରେନ୍ଦ୍ର ମୋଦି


ଭ୍ଲାଡିମିର୍ ପୁଟିନ୍

**ନୂଆଦିଲ୍ଲୀ, ୧୪।୨**

ୟୁକ୍ରେନ୍ ପ୍ରସଙ୍ଗରେ ରୁଷିଆକୁ ଘେରିବାକୁ ଉଦ୍ୟମ କରୁଛନ୍ତି ନାଟୋ ଦେଶ। ଆମେରିକା ଓ ପାଶ୍ଚାତ୍ୟ ଦେଶ ମସ୍କୋ ଉପରେ ଚାପ ପକାଇବାକୁ ସବୁ ପ୍ରକାର ଚେଷ୍ଟା ଚଳାଇଥିବାବେଳେ ରୁଷିଆ ନିଜ ଜିଦ୍ ଛାଡ଼ିବାକୁ ନାରାଜ। ବାରମ୍ବାର ଶାନ୍ତି ଉଦ୍ୟମ ବିଫଳ ହେଉଥିବାରୁ ଯୁଦ୍ଧ ଆଶଙ୍କା ଘନେଇଛି। ଏଥିଯୋଗୁ ଭାରତ ମଧ୍ୟ ପ୍ରଭାବିତ ହୋଇଛି। ଏହି ପ୍ରସଙ୍ଗରେ ଭାରତ କାହାକୁ ସମର୍ଥନ କରିବ ଏବଂ କାହା ବିରୋଧରେ ବାହାରିବ ସେ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ରୁଷିଆ ଭାରତର ଏକ ବନ୍ଧୁ ରାଷ୍ଟ୍ର। ଭାରତକୁ ୫୦ ପ୍ରତିଶତରୁ ଅଧିକ ପ୍ରତିରକ୍ଷା ସାମଗ୍ରୀ ରୁଷିଆ ଯୋଗାଉଛି। ସେପଟେ ବିବାଦରେ ରୁଷିଆକୁ ସମର୍ଥନ କରି ଆମେରିକା କିମ୍ବା ପାଶ୍ଚାତ୍ୟ ଦେଶ ସହ ସମ୍ପର୍କ ଖରାପ କରିବାକୁ ଚାହିଁବ ନାହିଁ ଭାରତ। ଜାନୁୟାରୀ ୩୧ରେ ଜାତିସଂଘ ସୁରକ୍ଷା ପରିଷଦରେ ୟୁକ୍ରେନ ପ୍ରସଙ୍ଗରେ ଭାରତ ଭୋଟ ଦେବାରୁ ଦୂରେଇ ରହିଥିଲେ ହେଁ ସମ୍ପୂର୍ଣ୍ଣ ନୀରବ ରହିବା ମଧ୍ୟ ସମସ୍ୟାର ସମାଧାନ ନୁହେଁ। ତେଣୁ ଯୁଦ୍ଧ ସ୍ଥିତି ଏଡ଼ାଇବାକୁ ଭାରତକୁ ସତର୍କତାର ସହ କୌଣସି ମଧ୍ୟମ ପନ୍ଥା ଆପଣାଇବାକୁ ପଡ଼ିବ ବୋଲି କୂଟନୀତିଜ୍ଞଙ୍କ ମତ। ଅନ୍ୟପକ୍ଷରେ ପ୍ରାୟ ମାସେ ଧରି ୟୁକ୍ରେନ ସଙ୍କଟ ଉପରେ ଚୁପ୍ ବସିବା ପରେ ଗତ ସପ୍ତାହରେ ଭାରତ ଏ ନେଇ ପ୍ରତିକ୍ରିୟା ରଖିଛି। କୂଟନୈତିକ ଆଲୋଚନା ମାଧ୍ୟମରେ ୟୁକ୍ରେନ-ରୁଷିଆ ସମସ୍ୟାର ସମାଧାନ ହେବା ଜରୁରୀ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।

## ଚିନ୍ତାର ପ୍ରମୁଖ କାରଣ

- ଆମେରିକା ଏବଂ ୟୁରୋପୀୟ ମେଣ୍ଟ ରୁଷିଆ ବିରୋଧରେ ଯୁଦ୍ଧକୁ ଓହ୍ଲାଇଲେ କେବଳ ସମ୍ପୃକ୍ତ ଦେଶ ନୁହେଁ ସାରା ବିଶ୍ୱ ଏହାର ଭୟଙ୍କର ପରିଣାମ ଭୋଗିବ। ଆଉ ଏକ ବିଶ୍ୱ ଯୁଦ୍ଧ ଯୋଗୁ ସୁରକ୍ଷା ଏବଂ ଅର୍ଥନୀତି ବ୍ୟାପକ କ୍ଷତିଗ୍ରସ୍ତ ହେବ। ଭାରତ ମଧ୍ୟ ସେଥିରୁ ବାଦ୍ ପଡ଼ିପାରିବ ନାହିଁ। ତେଣୁ ଭାରତକୁ ମସ୍କୋ କିମ୍ବା ୱାଶିଂଟନ୍ ମଧ୍ୟରୁ ଜଣକୁ ବାଛିବାକୁ ହେବ। ନଚେତ୍ ଉଭୟ ପକ୍ଷରୁ ଉପୁଜିବାକୁ ଥିବା ସମସ୍ୟାର ସାମ୍ନା କରିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ।
- ରୁଷିଆଠାରୁ ଭାରତ ଏସ୍-୪୦୦ ମିଶାଇଲ ଡିଫେନ୍ସ ସିଷ୍ଟମ କ୍ରୟ ପ୍ରକ୍ରିୟା ଜାରି ଥିବାବେଳେ ଏ ନେଇ ଆମେରିକା କୌଣସି କଟକଣା ନ ଲଗାଉ ବୋଲି ନୂଆଦିଲ୍ଲୀ ଚାହୁଁଛି। ଯଦି ଭାରତ ଏହି ଦୁଇ ଶକ୍ତିଶାଳୀ ରାଷ୍ଟ୍ରର ପକ୍ଷ ନ ନିଏ ତେବେ ମିଶାଇଲ ଡେଲିଭରି ଚୁକ୍ତି ପ୍ରଭାବିତ ହେବା ସହ ଆମେରିକା ଦ୍ୱାରା ଆର୍ଥିକ ଓ ଅନ୍ୟାନ୍ୟ କଟକଣାର ସମ୍ମୁଖୀନ ହୋଇପାରେ।
- ଚାଇନା ଦ୍ୱାରା ଭାରତ ଗମ୍ଭୀର ଭୂ-ରାଜନୈତିକ ଆହ୍ୱାନର ସାମ୍ନା କରୁଥିବାବେଳେ ଆମେରିକା ଏ ପ୍ରସଙ୍ଗରେ ଚାଇନାକୁ ଟାର୍ଗେଟ କରୁଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଫୋକସ୍ ନିମନ୍ତେ ପ୍ରସ୍ତୁତ ରଣନୀତିରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ଚାଇନା ସୃଷ୍ଟି କରୁଥିବା ଉତ୍ତେଜନାମୂଳକ ସ୍ଥିତିର ମୁକାବିଲା ପାଇଁ ଭାରତ ଆମେରିକାର ସହଯୋଗ ଲୋଡ଼ିପାରେ।
- ୟୁକ୍ରେନ୍ ପ୍ରସଙ୍ଗରେ ସମଗ୍ର ବିଶ୍ୱର ଦୃଷ୍ଟି ଏବେ ଚାଇନା ବଦଳରେ ରୁଷିଆ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହାର ଫାଇଦା ନେଇ ବେଜିଂ ପକ୍ଷରୁ ଭାରତ ବିରୋଧରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବାର ଆଶଙ୍କା ବଢ଼ିଛି। ୟୁକ୍ରେନ ପ୍ରସଙ୍ଗରେ ଆମେରିକା ଓ ପାଶ୍ଚାତ୍ୟ ଦେଶ ରୁଷିଆ ବିରୋଧରେ ଛିଡ଼ା ହୋଇଥିବାବେଳେ ମସ୍କୋ ଏବେ ଚାଇନାର ନିକଟତର ହୋଇଛି। ଏପରି ହେଲେ ସୁଯୋଗ ଦେଖି ଚାଇନା ସହ ମିଶି ପାକିସ୍ତାନ ମଧ୍ୟ ଭାରତ ବିରୋଧୀ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି।
- ଯୁଦ୍ଧ ହେଲେ ରୁଷିଆ ୟୁରୋପକୁ ଗ୍ୟାସ୍ ଓ ତୈଳ ଯୋଗାଣ ପାଇପ୍ ବନ୍ଦ କରିଦେଇପାରେ। ଏହା ଦ୍ୱାରା ସମଗ୍ର ବିଶ୍ୱରେ ଶକ୍ତି ସଙ୍କଟ ଉପୁଜିବ। ୟୁକ୍ରେନ ସୀମା ନିକଟରେ କେବଳ ଉତ୍ତେଜନା ଯୋଗୁ ମାତ୍ର ଗୋଟିଏ ମାସରେ ତୈଳ ଦର ୧୪ ପ୍ରତିଶତ ବଢ଼ିଛି। ଆଗାମୀ ଦିନରେ ତୈଳ ଦର ବ୍ୟାରେଲ ପିଛା ୯୦ ଡଲାରରୁ ୧୨୫ ଡଲାର ପର୍ଯ୍ୟନ୍ତ ପହଞ୍ଚିଯାଇପାରେ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି। ଏହା ହେଲେ ଅର୍ଥନୀତି ପ୍ରଭାବିତ ହେବା ସହ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ଯଥେଷ୍ଟ ଆଶଙ୍କା ରହିଛି।
- ରୁଷିଆ ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ମଧ୍ୟ ଢେର ଅଧିକ। ଉଭୟ ପକ୍ଷ ମଧ୍ୟରେ ୮ ବିଲିୟନ ଡଲାରର କାରବାର ହେଉଥିବାବେଳେ ୟୁକ୍ରେନ ସହ ଭାରତର କାରବାର ବର୍ଷକୁ ପ୍ରାୟ ୨.୭ ବିଲିୟନ ଡଲାର। ଆମେରିକାକୁ ସମର୍ଥନ ନ ଦେଲେ ୟୁକ୍ରେନରୁ ଭାରତ ଆସୁଥିବା ଖାଇବା ତେଲ ବନ୍ଦ ହୋଇଯିବ। ଏଥିଯୋଗୁ ରନ୍ଧା ତେଲ ଦର ମଧ୍ୟ ବଢ଼ିଯିବ।
- ୟୁକ୍ରେନ୍‌ରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ମେଡିକାଲ, ଇଞ୍ଜିନିୟରିଂ, ଆଇଟି ଛାତ୍ରୀଛାତ୍ର ହୋଇଥିବାବେଳେ ଅନେକେ ସେଠାରେ ରହି ଚାକିରି ଓ ବ୍ୟବସାୟ କରୁଛନ୍ତି। ଯୁଦ୍ଧ ହେଲେ ସେମାନଙ୍କ ସୁରକ୍ଷା ଚିନ୍ତା ମଧ୍ୟ ଭାରତ ସରକାରଙ୍କୁ ଘାରିଛି।

## ହନୁମାନ ଜନ୍ମସ୍ଥାନକୁ ନେଇ ୨ ଟ୍ରଷ୍ଟ ମଧ୍ୟରେ ବିବାଦ

**ଅଞ୍ଜନାଦ୍ରୀରେ ହନୁମାନଙ୍କ ଜନ୍ମ କହିଲା ଟିଟିଡି**

**ଶ୍ରୀ ହନୁମଦ୍ ଜନ୍ମଭୂମି ତୀର୍ଥକ୍ଷେତ୍ରର ବିରୋଧ**

**ହାଇଦ୍ରାବାଦ,୧୪।୨**

ଅଯୋଧ୍ୟା ରାମ ଜନ୍ମଭୂମି ବିବାଦ ୨୦୧୯ ନଭେମ୍ବରରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସମାଧାନ ହେବା ପରେ ଏବେ ହନୁମାନ ଜନ୍ମସ୍ଥାନକୁ ନେଇ ନୂଆ ବିବାଦ ଦେଖାଦେଇଛି। ତେବେ ଏହି ବିବାଦ ଦୁଇ ଧର୍ମ ମଧ୍ୟରେ ନୁହେଁ, ବରଂ ଦୁଇ ହିନ୍ଦୁ ଟ୍ରଷ୍ଟ ମଧ୍ୟରେ ହୋଇଛି। ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକର ଦୁଇଟି ହିନ୍ଦୁ ଟ୍ରଷ୍ଟ ହନୁମାନଙ୍କ ଜନ୍ମଭୂମି ଭିନ୍ନ ଭିନ୍ନ ସ୍ଥାନରେ ବୋଲି ଦାବି କରୁଛନ୍ତି। ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ତିରୁମାନଲା ହିଲ୍‌ର ଅଞ୍ଜନାଦ୍ରୀଠାରେ ଏକ ମନ୍ଦିର ଓ ପର୍ଯ୍ୟଟନ ସ୍ଥଳ ନିର୍ମାଣ ପାଇଁ ବୁଧବାର ଉତ୍ସବ ଯୋଜନା କରିଛି। ଗତବର୍ଷ ରାମନବମୀରେ ଉକ୍ତ ସ୍ଥାନକୁ ହନୁମାନଙ୍କ ଜନ୍ମସ୍ଥାନ ଭାବେ ଅଭିଷେକ କରାଯାଇଥିଲା। ତେବେ କର୍ଣ୍ଣାଟକର ଶ୍ରୀ ହନୁମଦ୍ ଜନ୍ମଭୂମି ତୀର୍ଥକ୍ଷେତ୍ର ଏଥିରେ ସହମତ ନୁହେଁ।

ଟ୍ରଷ୍ଟ କହିବା ଅନୁଯାୟୀ, ବାଲ୍ମୀକି ରାମାୟଣରେ ହନୁମାନ କିସ୍କିନ୍ଧାର ଅଞ୍ଜନାହାଲ୍ଲିରେ ଜନ୍ମଗ୍ରହଣ କରିଥିବା ଉଲ୍ଲେଖ ରହିଛି। ଏହା ହାମ୍ପି ନିକଟବର୍ତ୍ତୀ ତୁଙ୍ଗଭଦ୍ରା ନଦୀକୂଳରେ ଅବସ୍ଥିତ। ବିବାଦର ସମାଧାନ ଲାଗି ଗତବର୍ଷ ମେ’ରେ ଆଲୋଚନା ହୋଇଥିଲେ ହେଁ, ସହମତି ହୋଇପାରି ନ ଥିଲା। ପୁରାଣ ଓ ତାମ୍ରଲିପିଗୁଡ଼ିକରେ ଅଞ୍ଜନାଦ୍ରି ସ୍ପଷ୍ଟ ଉଲ୍ଲେଖ ରହିଛି, ଯାହା ଏବେ ତିରୁମାଲା ଭାବେ ପରିଚିତ ଏବଂ ହନୁମାନଙ୍କ ଜନ୍ମସ୍ଥାନ ବୋଲି ଟିଟିଡି କମିଟି କହିଛି। ଗତବର୍ଷ ଏପ୍ରିଲରେ ଟିଟିଡି ଏକ ପୁସ୍ତିକା ପ୍ରକାଶ କରିଥିଲା, ଯେଉଁଥିରେ ଅଞ୍ଜନାଦ୍ରି ହନୁମାନଙ୍କ ଜନ୍ମସ୍ଥାନ ବୋଲି ୨୦୨୦ ଡିସେମ୍ବରରେ ୮ ଜଣିଆ କମିଟି ଦେଇଥିବା ରିପୋର୍ଟ ଆଧାରରେ ଦାବି କରାଯାଇଥିଲା। ଅନ୍ୟପକ୍ଷରେ ତୀର୍ଥକ୍ଷେତ୍ର ଟ୍ରଷ୍ଟ ଏହାକୁ ବିରୋଧ କରି ଟିଟିଡିକୁ ୬ ପୃଷ୍ଠାର ପତ୍ର ଲେଖିଥିଲା। ତୀର୍ଥକ୍ଷେତ୍ର ଟ୍ରଷ୍ଟ ପାଖରେ କୌଣସି ପ୍ରମାଣ ନ ଥିବା ଟିଟିଡି ଦାବି କରିଛି। ମଧ୍ୟପ୍ରଦେଶ ଚିତ୍ରକୁଟର ଦୃଷ୍ଟିଶକ୍ତିରହିତ ସ୍ୱାମୀଜୀ ଏହା ଉପରେ ଚୂଡ଼ାନ୍ତ ପ୍ରମାଣ ଦେଇଛନ୍ତି। ବୁଧବାର ଉତ୍ସବରେ ସେ ଯୋଗଦେବେ ବୋଲି ଟିଟିଡି ସିଇଓ ଜଓ୍ୱାହାର ରେଡ୍ଡୀ କହିଛନ୍ତି।


ଜମ୍ମୁରେ ପୁଲ୍‌ୱାମା ଶହୀଦଙ୍କୁ ଏନ୍‌ସିସି କ୍ୟାଡେଟ୍‌ମାନେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ରାଷ୍ଟ୍ର

**ପୁଲ୍‌ୱାମା ଆକ୍ରମଣଙ୍କୁ ୩ ବର୍ଷ**

**ନୂଆଦିଲ୍ଲୀ,୧୪।୨(ପି.ଟି.)**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଆକ୍ରମଣର ତୃତୀୟ ବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଷ୍ଟ୍ର ଶହୀଦ ସିଆରପିଏଫ୍ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି। ସେମାନଙ୍କ ଦୁଃସାହସ ଓ ବଳିଦାନ ପ୍ରତ୍ୟେକ ଭାରତୀୟଙ୍କୁ ସୁଦୃଢ଼ ତଥା ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ କାର୍ଯ୍ୟ କରିବା ଲାଗି ଅନୁପ୍ରାଣିତ କରିବ ବୋଲି ସୋମବାର ପ୍ରଧାନମନ୍ତ୍ରୀ କହିଛନ୍ତି।

୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମା ଜିଲାର ଲେଥପୋରାଠାରେ ଯବାନମାନଙ୍କ ଗାଡ଼ିକୁ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ବିସ୍ଫୋରକ ଭର୍ତ୍ତି ଗାଡ଼ିରେ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାର ଜବାବରେ ଫେବୃୟାରୀ ୨୬ରେ ଭାରତୀୟ ବାୟୁସେନା ପାକିସ୍ତାନର ବାଲାକୋଟସ୍ଥିତ ଆତଙ୍କବାଦୀଙ୍କ ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଯବାନମାନଙ୍କ ବଳିଦାନକୁ ଦେଶ କଦାପି ଭୁଲିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ବେଳେ ସିଆର୍‌ପିଏଫ୍ ଯବାନମାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଆମେ ଏହାର ଜବାବ ଦେବୁ ବୋଲି ସେ ଟୁଇଟ୍ କରିଛନ୍ତି।

## ଶ୍ରୀନଗରରେ ଫାରୁକ୍ ଗୃହବନ୍ଦୀ



**ଶ୍ରୀନଗର,୧୪।୨(ପି.ଟି.)**

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲାଙ୍କୁ ସୋମବାର ତାଙ୍କ ଶ୍ରୀନଗରସ୍ଥିତ ବାସଭବନରେ ଗୃହବନ୍ଦୀ ରଖାଯାଇଛି। ପୁଲ୍‌ୱାମା ଆକ୍ରମଣର ତୃତୀୟ ବାର୍ଷିକୀରେ ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ବାସଭବନ ବାହାରକୁ ଛଡ଼ାଯାଇ ନାହିଁ। ସେ ଏହାର ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ସୋମବାର ଫାରୁକ୍ ସଡ଼କ ପଥରେ ଜମ୍ମୁ ଯିବାର କାର୍ଯ୍ୟକ୍ରମ ଥିଲା। ଏ ସମ୍ପର୍କରେ ସେ ପ୍ରଶାସନକୁ ୫ ଦିନ ପୂର୍ବରୁ ଜଣାଇଥିଲେ ମଧ୍ୟ ତାଙ୍କୁ ଘରୁ ବାହାରିବାକୁ ଦିଆଗଲା ନାହିଁ। ଅପରାହ୍ନରେ ସେ କିଛି ବାଟ ଚାଲି ଚାଲି ଯାଇଥିଲେ ହେଁ ପୋଲିସ ଗାଡ଼ିରେ ତାଙ୍କୁ ନେଇ ଘରେ ଛାଡ଼ିଦିଆଯାଇଥିଲା।

# ହିଜାବ ପିନ୍ଧିଥିବା ଛାତ୍ରୀଙ୍କୁ ଫେରାଇଦେଲା ସ୍କୁଲ

**ମାଡ଼ିକେରି,୧୪।୨**

କର୍ଣ୍ଣାଟକ କୋଡାଗୁ ଜିଲାର ଏକ ପବ୍ଲିକ୍ ସ୍କୁଲ୍‌କୁ ସୋମବାର ହିଜାବ ପିନ୍ଧି ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ପ୍ରବେଶ ଅନୁମତି ଦିଆଯାଇ ନାହିଁ। ଫଳରେ ସେମାନେ ଘରକୁ ଫେରିଯିବାକୁ ବାଧ୍ୟ ହୋଇଛନ୍ତି। ନ୍ୟାୟ ମିଳିବ ବୋଲି ଛାତ୍ରୀମାନଙ୍କ ମାଆବାପା ଆଶାବାଦୀ ଥିବାବେଳେ ଅଦାଲତଙ୍କ ଚୂଡ଼ାନ୍ତ ରାୟକୁ ଅପେକ୍ଷା କରିଛନ୍ତି। କୋଡାଗୁର ନେଲିହୁଦିକେରିରେ ମୁସଲମାନ ଜନସଂଖ୍ୟା ଅଧିକ। ହିଜାବ ବିବାଦକୁ ନେଇ ହିଂସାତ୍ମକ ସ୍ଥିତି ଉପୁଜିବା ପରେ କର୍ଣ୍ଣାଟକରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ସୋମବାର ସକାଳେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଖୋଲିଥିବାବେଳେ ବହୁସଂଖ୍ୟାରେ ପିଲା ଆସିଥିଲେ। ତେବେ କର୍ଣ୍ଣାଟକ ପବ୍ଲିକ୍ ସ୍କୁଲ୍‌କୁ ଆସିଥିବା ୩୦ ଜଣ ଛାତ୍ରୀଙ୍କୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା ଏବଂ ହିଜାବ ଖୋଲିବାକୁ କୁହାଯାଇଥିଲା। ସ୍କୁଲ୍ ଗେଟ୍ ନିକଟରେ ପ୍ରିନ୍ସିପାଲ ଏବଂ ପରିଚାଳନା କର୍ତ୍ତୃପକ୍ଷ ଉପସ୍ଥିତ ରହି ପିଲାମାନଙ୍କୁ ଅଟକାଇଥିଲେ ଏବଂ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ମାନିବା ପାଇଁ ଅନୁରୋଧ କରିଥିଲେ। ତେବେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀ ବିନା ହିଜାବରେ ଶ୍ରେଣୀରେ ବସିବେ ନାହିଁ ବୋଲି କହି ଘରକୁ ଫେରିଯାଇଥିଲେ। ଫେରିଯାଇଥିବା ଛାତ୍ରୀମାନଙ୍କ ଅଭିଭାବକମାନେ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଧର୍ମୀୟ ମୁଖ୍ୟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଉତ୍ତେଜନା ସୃଷ୍ଟି ହେବା ଆଶଙ୍କାରେ ଉକ୍ତ ସ୍କୁଲ୍‌ରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି।

ସେହିପରି ସିଦ୍ଦପୁରାର ଇକ୍‌ର ପବ୍ଲିକ୍ ସ୍କୁଲ୍‌ରେ ଛାତ୍ରୀମାନଙ୍କୁ ହିଜାବ ପିନ୍ଧି ପଢ଼ିବାକୁ ଅନୁମତି ଦିଆଯାଇଥିବା ଖବର ପାଇ ବିରାଜପେଟ୍ ତହସିଲ୍‌ଦାର ଯୋଗାନନ୍ଦ ଉକ୍ତ ସ୍କୁଲ୍‌କୁ ପରିଦର୍ଶନରେ ଯାଇଥିଲେ। ସେ ସ୍କୁଲ୍ ପରିଚାଳନା କର୍ତ୍ତୃପକ୍ଷ ପିଲାଙ୍କୁ ହିଜାବ ପିନ୍ଧିବା ପାଇଁ ଅନୁମତି ଦେବା ନିମନ୍ତେ ପ୍ରସ୍ତାବ ଗୃହୀତ କରାଇଥିବା ଜାଣିବା ପରେ ତହସିଲଦାର ଏହାର ନକଲ ମାଗିଛନ୍ତି।

କର୍ଣ୍ଣାଟକରେ ହିଜାବକୁ ନେଇ ଗତ ମାସରୁ ବିବାଦ ଲାଗି ରହିଛି। ଉଡୁପି ଜିଲାର ଏକ ପ୍ରି-ୟୁନିଭର୍ସିଟି କଲେଜରେ ହିଜାବ ପିନ୍ଧିଥିବା କେତେଜଣ ଛାତ୍ରୀଙ୍କୁ କ୍ୟାମ୍ପସ୍‌ରେ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ପରେ ଅନ୍ୟ କଲେଜକୁ ମଧ୍ୟ ହିଜାବ ବିବାଦ ବ୍ୟାପିଥିଲା।


ଶ୍ରୀନଗରସ୍ଥିତ କଶ୍ମୀର ବିଶ୍ୱବିଦ୍ୟାଳୟ ବାହାରେ ହିଜାବ ଓ ବୁର୍ଖା ପରିହିତା ମହିଳାମାନେ ଫୁଲ ଧରି କର୍ଣ୍ଣାଟକ ମୁସଲମାନ ଛାତ୍ରୀଙ୍କ ସମର୍ଥନରେ ଭାଲେଣ୍ଟାଇନ୍ସ ଡେ’ ପାଳନ କରୁଛନ୍ତି।

## ହିଜାବ ବ୍ୟାନ୍ ପାଇଁ ଆଇନ ନାହିଁ

**ବେଙ୍ଗାଲୁରୁ,୧୪।୨**

- **କର୍ଣ୍ଣାଟକ ହାଇକୋର୍ଟରେ ଛାତ୍ରୀଙ୍କ ପକ୍ଷରୁ ଯୁକ୍ତି**
- **ହିଜାବ ନିଷେଧ ନିଷ୍ପତ୍ତି କଲେଜ ନେଇପାରିବ ନାହିଁ**

ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ ବ୍ୟବହାର ନିଷେଧ କରିବା ପାଇଁ କୌଣସି ଆଇନ ନାହିଁ ବୋଲି କର୍ଣ୍ଣାଟକ ହାଇକୋର୍ଟରେ ଛାତ୍ରୀମାନେ ଯୁକ୍ତି ବାଢ଼ିଛନ୍ତି। ହିଜାବ ପିନ୍ଧିଥିବାରୁ କଲେଜରେ ପ୍ରବେଶ ଅନୁମତି ମିଳି ନ ଥିବା ଛାତ୍ରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବଦତ୍ତ କାମାତ୍ କହିଥିଲେ, ସମ୍ବିଧାନ ପ୍ରଦତ୍ତ ଧର୍ମୀୟ ସ୍ୱାଧୀନତା ଦ୍ୱାରା ହିଜାବ ସୁରକ୍ଷିତ। କଲେଜ ଉନ୍ନୟନ କମିଟି ଏହାକୁ ବ୍ୟାନ୍ କରିପାରିବ ନାହିଁ ବୋଲି ସେ କହିଛନ୍ତି।

ହିଜାବକୁ ନେଇ ବିବାଦ ଲାଗି ରହିଥିବାବେଳେ ଗତ ସପ୍ତାହରେ ସରକାର ଏହା ଉପରେ କଲେଜ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବାକୁ ଛାଡ଼ିଦେଇଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୫ର ଦୁଇଟି ଧାରା ଉପରେ ଆଲୋଚନା କରି ମସ୍ତକ ଆବୃତ୍ତ କରୁଥିବା ବସ୍ତ୍ର ନିଷେଧ କରିବା ପାଇଁ ଆଇନ କେଉଁଠି ଅଛି ବୋଲି ବରିଷ୍ଠ ଆଇନଜୀବୀ ପ୍ରଶ୍ନ କରିଥିଲେ। ଅନୁଚ୍ଛେଦ ୨୫ ହିଜାବ ପିନ୍ଧିବାକୁ ସୁରକ୍ଷା ଦେଉନାହିଁ ସରକାର ଘୋଷଣା କରିବା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ବୋଲି ଆଇନଜୀବୀ କର୍ଣ୍ଣାଟକ ହାଇକୋର୍ଟର ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ଆଗରେ ଯୁକ୍ତି ବାଢ଼ିଛନ୍ତି। ଏପରିକି କେନ୍ଦ୍ରୀୟ ବିଦ୍ୟାଳୟରେ ୟୁନିଫର୍ମ ରଙ୍ଗର ହିଜାବକୁ ଅନୁମତି ଦିଆଯାଇଛି। ମୁସଲମାନ ଛାତ୍ରୀ ହିଜାବ ପିନ୍ଧିଲେ ଏହା କାହାକୁ ଆଘାତ ଦେଉନାହିଁ। ଏହା ଏକ ବିଶ୍ୱାସର କଥା ବୋଲି ଆଇନଜୀବୀ କହିଛନ୍ତି। କୋରାନରେ ହିଜାବକୁ ବାଧ୍ୟତାମୂଳକ କରାଯାଇଥିବାରୁ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ପାଖକୁ ଯିବା ଆବଶ୍ୟକ ନାହିଁ। ଏହା ଅନୁଚ୍ଛେଦ ୨୫ ଦ୍ୱାରା ସୁରକ୍ଷିତ ବୋଲି କାମାତ୍ କହିଥିଲେ।

ହିଜାବକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଏକାଧିକ ପିଟିଶନର ଶୁଣାଣି କରିବା ପରେ ମୁଖ୍ୟ ବିଚାରପତି ଋତୁରାଜ ଅୱସ୍ଥି, ଜଷ୍ଟିସ୍ କ୍ରିଷ୍ଣା ଏସ୍. ଦୀକ୍ଷିତ ଏବଂ ଜେ.ଏମ୍. ଖାଜି ମଙ୍ଗଳବାରକୁ ଶୁଣାଣି ସ୍ଥଗିତ ରଖିଛନ୍ତି।

## ସଂକ୍ଷେପରେ

### ୩ ବୁଥ୍‌ରେ ଲାଗିବ ସିସିଟିଭି

**ଧର୍ମଶାଳା,୧୪।୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକର ୬୩୭ ବୁଥ୍ ମଧ୍ୟରୁ ୧୩୨ଟି ଉତ୍ତେଜନା ଓ ୮୩ ଅତି ଉତ୍ତେଜନା ପ୍ରବଣ ଚିହ୍ନଟ ହୋଇଛି। ତେବେ ସୁନ୍ଦରିଆ ପଞ୍ଚାୟତ ସାରୋଇ ଉପ୍ରା ବିଦ୍ୟାଳୟରେ ୩ ବୁଥରେ ସିସି ଟିଭି ଲାଗିବାର ବ୍ୟବସ୍ଥା କରାଯାଇଛି। ସୁନ୍ଦରିଆ ସରପଞ୍ଚ ପ୍ରାର୍ଥୀ ଅଭିଷେକ ବେହୁରା ଉତ୍ତେଜନା ପ୍ରବଣ ବୁଥରେ ସିସିଟିଭି ସହ ବ୍ୟାପକ ପୋଲିସ ବ୍ୟବସ୍ଥା କରିବା ପାଇଁ ହାଇକୋର୍ଟରେ ଅବେଦନ କରିଥିଲେ। କୋର୍ଟ ଏହାର ବିଚାର କରି ପଞ୍ଚାୟତର ୱାର୍ଡ ନଂ. ୨, ୩ ଓ ୪ରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦେଇଥିବା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅତି ଉତ୍ତେଜନା ପ୍ରବଣ ବୁଥ୍ ଗୁଡ଼ିକରେ ସିସିଟିଭି ଲାଗିବା ଅବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

### ରାମେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ମହୋତ୍ସବ

**ଜେନାପୁର,୧୪।୨(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ଗୋଡ଼ିପାଟିଆଠାରେ ସନ୍ଥ ଶିରୋମଣି ମୌନାନନ୍ଦ ସରସ୍ୱତୀ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁକୃପା ଆଶ୍ରମ ଓ ଅଧିଷ୍ଠାତା ରାମେଶ୍ୱର ମହାଦେବଙ୍କ ୯ମ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପୀଠର ତତ୍ତ୍ୱାବଧାରକ ସ୍ୱାମୀ ଜ୍ଞାନାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଶ୍ରୀପଞ୍ଚମୀଠାରୁ ମହୋତ୍ସବ ଆରମ୍ଭ ହୋଇଥିଲା। ସପ୍ତାହେ ଧରି ଶ୍ରୀମଦ୍ ଭାଗବତ ପାଠ ଓ ପାରାୟଣ ସମ୍ପୂର୍ଣ୍ଣ ହେବାପରେ ମହାଯଜ୍ଞ ଓ ସାଧୁ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା ଓ ଗୁରୁପୂଜନ ସହ ଆଧାତ୍ମିକ ନୀତି ଅନୁଯାୟୀ ମହାଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆଗତ ସାଧୁସନ୍ଥଙ୍କୁ ଅନ୍ନ ବସ୍ତ୍ର ଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବକୁ ରାମସେବକ ମଣ୍ଡଳୀର ଭକ୍ତମାନେ ପରିଚାଳନା କରିଥିଲେ। ମହାଯଜ୍ଞରେ କର୍ତ୍ତା ଭାବେ ସନ୍ତୋଷ କୁମାର ରାଉତ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆଶ୍ରମ ପକ୍ଷରୁ ଶିବପ୍ରସାଦ ପଣ୍ଡା, ଗଣେଶ୍ୱର ପଣ୍ଡା, ପୀତବାସ ସାହୁ, କୃଷ୍ଣଚନ୍ଦ୍ର ଦାସ, ଦୁର୍ଯ୍ୟୋଧନ ସାହୁ, ଗଙ୍ଗାଧର ପଣ୍ଡା, ମଙ୍ଗୁଳି ଚରଣ ରାଉତ, ଅଭିଷେକ ପଣ୍ଡା ଓ ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

### ମା’ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

**ଜେନାପୁର,୧୪।୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଚଢ଼େଇଧରା ନିକଟ ଇଚ୍ଛାପୁର ଗ୍ରାମରେ ମା’ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାହ୍ନୁଚରଣ ପଣ୍ଡାଙ୍କ ପ୍ରଚେଷ୍ଟାରେ ନିର୍ମିତ ନୂତନ ମନ୍ଦିରର ରତ୍ନମୁଦ ପରେ ୩ ଦିନ ଧରି ପ୍ରତିଷ୍ଠା ଉତ୍ସବ ଓ ମା’ଙ୍କ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ସହ ମହାଯଜ୍ଞ ଆୟୋଜିତ ହୋଇଥିଲା। ପୁରୀ ଜଗନ୍ନାଥ ଧାମ ଓ ଶରଣକୁଳରୁ ଆଗତ ପଣ୍ଡିତଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ ପ୍ରତ୍ୟହ ଅନ୍ନଦାନ, ଗୋପୂଜା, ସୂର୍ଯ୍ୟପୂଜା ଓ ସନ୍ଥ ପୂଜନ ସମ୍ପାଦିତ ହୋଇଥିଲା। ପରେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଇଚ୍ଛାପୁର ଗ୍ରାମ ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବେଢ଼ା ମଧୁପୁର ଶ୍ରୀଗୁରୁ ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀ ମହାରାଜ ଉପସ୍ଥିତ ଥିଲେ। ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କମିଶନରଙ୍କ କଟକଣା କେନ୍ଦ୍ରାପଡ଼ାରେ ବାଟବଣା

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**

- ବ୍ୟାନର, ପୋଷ୍ଟରରେ ଚାଲିଛି ସୌଜନ୍ୟ ରାଜନୀତି
- ଭୋଜିଭାତ ସହ ସବୁଠି ପୋଷ୍ଟର ଯୁଦ୍ଧ



କେନ୍ଦ୍ରାପଡ଼ା ଅଫିସ, ୧୪।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ବିଭିନ୍ନ ନିୟମ ଲାଗୁ ହୋଇଛି। ଏଥିମଧ୍ୟରୁ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ନିର୍ଦ୍ଧାରଣ ଗୋଟିଏ। ଆଦର୍ଶ ଆଚରଣବିଧି ପାଳନ ପାଇଁ ମଧ୍ୟ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରାର୍ଥୀ ଓ ଦଳୀୟ ନେତାଙ୍କୁ ସୂଚନା ଦିଆଯାଇଛି। ଏହାସତ୍ତ୍ୱେ ପୋଷ୍ଟର, ବ୍ୟାନର ବହୁଳ ବ୍ୟବହାର ସୌଜନ୍ୟ ରାଜନୀତିରେ ରାଜ୍ୟ ନିର୍ବାଚନ କମିଶନଙ୍କ ଅର୍ଥନୈତିକ କଟକଣାକୁ ବାଟବଣା କରିଛି। ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଯୁଦ୍ଧ ଗ୍ରାମାଞ୍ଚଳ ରାଜନୀତିରେ ଉଷ୍ମତା ଭରିଛି। ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ସର୍ବାଧିକ ଖର୍ଚ୍ଚ ପରିମାଣ ୫ ଲକ୍ଷ ଥିବା ବେଳେ ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀଙ୍କ ଲାଗି ଏହି ସୀମା ୨ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ତେବେ ନିର୍ବାଚନୀ ଖର୍ଚ୍ଚ ବହୁଳ ହେଉଛି। ବିଭିନ୍ନ ଗ୍ରାମରେ ଭୋଜିଭାତ ସହ କାନ୍ଥବାଡ଼, ଗଛ, ବିଦ୍ୟୁତ୍ ଖୁଣ୍ଟ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ପ୍ରଚାରପତ୍ର ଦେଖିବାକୁ ମିଳୁଛି। ଏତେ ପରିମାଣର ପ୍ରଚାରପତ୍ର ଖର୍ଚ୍ଚ ହିସାବ ଲୁଚାଇବାକୁ ସୌଜନ୍ୟର ସାହାରା ନିଆଯାଇଛି। ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଫ୍ଲେକ୍ସ, ବ୍ୟାନର, ପୋଷ୍ଟର, ପୁସିଂ କାର୍ଡ, ପତାକା ଆଦିରେ ସୌଜନ୍ୟ ଶବ୍ଦ ରହିଛି। ପ୍ରାର୍ଥୀଙ୍କ ସୂଚନା ଅନୁଯାୟୀ, ସୌଜନ୍ୟତା ଦୃଷ୍ଟିରୁ ଜଣେ ବ୍ୟକ୍ତି ଏହି ପ୍ରଚାରପତ୍ର ବ୍ୟବସ୍ଥା ସହ ପ୍ରଚାରରେ ସାମିଲ ହୋଇଛନ୍ତି। ପ୍ରାର୍ଥୀ ଏ ନେଇ ଟଙ୍କାଟିଏ ଖର୍ଚ୍ଚ କରି ନ ଥିଲେ ମଧ୍ୟ ପର୍ଯ୍ୟବେକ୍ଷକଙ୍କ ନିକଟରେ କେତେକ ପ୍ରତିପକ୍ଷ ଲୋକ ଅଭିଯୋଗ କରୁଛନ୍ତି।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ଆଇନଜୀବୀ ବିଭୂତିଭୂଷଣ କର, ରାଜନୈତିକ ବିଶ୍ଳେଷକ ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ନିର୍ବାଚନୀ ଖର୍ଚ୍ଚ କଟକଣାରୁ ମୁକ୍ତି ପାଇଁ ପ୍ରାର୍ଥୀଙ୍କ ପ୍ରଚାରପତ୍ରରେ ସୌଜନ୍ୟ ଶବ୍ଦ ଦେଖିବାକୁ ମିଳୁଛି। ଏବେ ନିର୍ବାଚନ ବାସ୍ତବରେ ଖର୍ଚ୍ଚବହୁଳ ହୋଇଛି। ଆଦର୍ଶ ଆଚରଣବିଧିକୁ ଠିକ୍ ଭାବେ ପାଳନ କଲେ ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାର୍ଥୀ ପଛରେ ରହିବା ସ୍ୱାଭାବିକ କଥା। ୱାର୍ଡସଭ୍ୟଠାରୁ ଆରମ୍ଭ କରି ଜିଲା ପରିଷଦ ପ୍ରାର୍ଥୀ ପର୍ଯ୍ୟନ୍ତ ସମସ୍ତେ ସୌଜନ୍ୟ ନୀତିକୁ ବାଧହୋଇ ଆପଣାଇଛନ୍ତି। ତେବେ ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରମୁଖ ସୌଜନ୍ୟରେ ଲିଖିତ ବ୍ୟକ୍ତିଙ୍କ ସହ ପ୍ରାର୍ଥୀଙ୍କ ସମ୍ପର୍କକୁ ତନାଘନା କଲେ ବହୁ ପ୍ରାର୍ଥୀ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଥିବା ଜାଣିପାରିବେ। ଏହାବ୍ୟତୀତ ପୋଷ୍ଟର, ବ୍ୟାନର ସମ୍ପର୍କରେ ଅଭିଯୋଗ ମିଳିଲେ ଜିଲା ପ୍ରଶାସନ ପକ୍ଷରୁ ଏହାକୁ ହଟାଯାଉଛି। ତେବେ ଏହା ସୀମିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ପ୍ରମୁଖ ରାସ୍ତାରୁ ପୋଷ୍ଟର, ବ୍ୟାନର ହଟୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଏହାର କାର୍ଯ୍ୟାନୁଷ୍ଠାନ ଦେଖାଯାଉନାହିଁ। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଆଦର୍ଶ ଆଚରଣବିଧିକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଇତିମଧ୍ୟରେ କେତେକ ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ହୋଇଛି। ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥୀଙ୍କୁ ଆଚରଣବିଧି ସମ୍ପର୍କରେ ଜଣାଇ ଦିଆଯାଇଛି। ଏହି ନିୟମ ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ଗର୍ଭବତୀ ଭିନ୍ନକ୍ଷମ ଯୁବତୀଙ୍କୁ ନ୍ୟାୟ ଦେବାକୁ ଦାବି

କୁଜଙ୍ଗ,୧୪।୨(ଡି.ଏନ୍.ଏ.)

କୁଜଙ୍ଗ ଥାନା ଅଞ୍ଚଳର ଜଣେ ୨୩ ବର୍ଷୀୟା ଭିନ୍ନକ୍ଷମ ଯୁବତୀଙ୍କୁ କେହି ଦୁର୍ବୃତ୍ତ ଯୌନ ସମ୍ପର୍କ ରଖି ୮ ମାସର ଗର୍ଭବତୀ କରାଇଛି। ଏ କଥା ଜାନୁୟାରୀ ୨୮ରେ ଜଣାପଡ଼ିବା ପରେ ବ୍ୟାସ ଫାଉଣ୍ଡେଶନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଭିନ୍ନକ୍ଷମ ଯୁବତୀଙ୍କ ଘରେ ପହଞ୍ଚି ସମସ୍ତ ଘଟଣା ବୁଝିଲା ପରେ ୨୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଖାଲି ସେତିକି ନୁହେଁ, ପୀଡ଼ିତାଙ୍କ ଭଉଣୀ ମଧ୍ୟ ଏତଲା ଦେଇଥିଲା। ପରେ ଫାଉଣ୍ଡେଶନ ଅଧକ୍ଷା ଆଚାର୍ଯ୍ୟ ଜଗତ୍‌ସିଂହପୁରର ସୁଧାର ଗୃହରେ ନେଇ ଗର୍ଭବତୀଙ୍କୁ ରଖିଛନ୍ତି। ଆଉ କିଛିଦିନ ପରେ ସେ ମା’ ହେବେ। ହେଲେ ପୋଲିସ ଉପର ଠାଉରିଆ ତଦନ୍ତ କରି ଚାଲିଯିବା ଓ ଅଭିଯୁକ୍ତଙ୍କୁ ଚିହ୍ନଟ ନ କରିବା ନେଇ ସୋମବାର ମଙ୍ଗରାଜପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇ ଅଭିଯୋଗ କରାଯାଇଛି। ଫାଉଣ୍ଡେଶନ ଅଧକ୍ଷା ଆଚାର୍ଯ୍ୟ ଓ କବି ପୀତାମ୍ବର ତରାଇ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ପୀଡ଼ିତାଙ୍କ ପଡ଼ୋଶୀ ହୋଇଥିଲେ ବି ପୋଲିସ ଜାଣିଶୁଣି ତଦନ୍ତ ବାଟବଣା କରୁଛି। ତେଣୁ ଏହାର ଏକ କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ସମସ୍ତ ତଥ୍ୟ ପଦାକୁ ଆସିବ। ଏ ସମ୍ପର୍କରେ କୁଜଙ୍ଗ ଆଇଆଇସି ସୁଜିତ୍ ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗ ପଞ୍ଜୀକରଣ ପରେ ତଦନ୍ତ ଜାରି ରହିଛି। ଯେହେତୁ ପୀଡ଼ିତା ମାନସିକ ଭିନ୍ନକ୍ଷମ, ତେଣୁ ସେ ଘଟଣା ସମ୍ପର୍କରେ ଠିକ୍ ତଥ୍ୟ ଦେଇପାରୁନାହାନ୍ତି। ଯଦି ଫାଉଣ୍ଡେଶନ ଅଭିଯୁକ୍ତଙ୍କୁ ଜାଣିଛି ତାହାହେଲେ ଲିଖିତ ଆକାରରେ ନାମ ଦେଲେ ଆମେ ତଦନ୍ତ ପରିସରକୁ ଆଣିବୁ। ବର୍ତ୍ତମାନ ନିର୍ବାଚନ ସମୟ ହୋଇଥିବାରୁ ପୋଲିସ ବ୍ୟସ୍ତ ଅଛି। ଏ ସମୟରେ ଖବରଦାତା ସମ୍ମିଳନୀ କରି ପୋଲିସକୁ ଦୋଷ ଦେବା ଠିକ୍ ନୁହେଁ। ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ଉପାଧକ୍ଷା ରଶ୍ମିତା ନାୟକ, ସାମାଜିକ କର୍ମୀ ବିପିନ ତ୍ରିପାଠୀ ଓ ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ ଉପସ୍ଥିତ ଥିଲେ।

## ନିର୍ବାଚନରେ ନିଯୁକ୍ତ ଗାଡ଼ି ଚାଳକଙ୍କ ରାସ୍ତାରୋକୋ

- ଖାଦ୍ୟ ଯୋଗାଣ କଲା ନାହିଁ ପ୍ରଶାସନ
- ପାନୀୟ ଜଳ ସହିତ ଅନ୍ୟାନ୍ୟ ବ୍ୟବସ୍ଥା ନାହିଁ

ଆଳି,୧୪।୨(ଡି.ଏନ୍.ଏ.)



ଆନ୍ଦୋଳନକୁ ଓହ୍ଲାଇଥିବା ଗାଡ଼ି ଚାଳକ।

ଆଳି ବ୍ଲକରେ ପ୍ରଥମ ପର୍ଯ୍ୟାୟ ଭୋଟ ବୁଧବାର ଅନୁଷ୍ଠିତ ହେବ । ସେଥିପାଇଁ ବୁଥ୍‌କୁ ପୋଲିଂ ପାର୍ଟିଙ୍କୁ ନେବା ପାଇଁ ଶତାଧିକ ଗାଡ଼ିକୁ ପ୍ରଶାସନ ପକ୍ଷରୁ ରିକୁଜେଶନ କରାଯାଇଛି । ସେହି ଗାଡ଼ିଗୁଡ଼ିକ ସୋମବାର ସକାଳୁ ଆଳି ବ୍ଲକରେ ପହଞ୍ଚି ସାରିଛି । କିନ୍ତୁ ଆଳି ବ୍ଲକର ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଗାଡ଼ି ଚାଳକମାନଙ୍କ ପାଇଁ ଖାଦ୍ୟ କିମ୍ବା ପାନୀୟ ଜଳର କୌଣସି ବ୍ୟବସ୍ଥା କରି ନ ଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତ ଗାଡ଼ି ଚାଳକମାନେ ଅସନ୍ତୁଷ୍ଟ ହୋଇଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ସେମାନଙ୍କୁ ଖର୍ଚ୍ଚ ବାବଦରେ ଟଙ୍କା କିମ୍ବା ଖାଇବାକୁ ଦିଆଯାଇ ନ ଥିବାରୁ ଶତାଧିକ ଡ୍ରାଇଭର ରାସ୍ତାରୋକୋ କରିଥିଲେ। ଗାଡ଼ି ଚାଳକମାନେ କହିଛନ୍ତି, ସେମାନେ ସକାଳ ୮ ଟାରେ ଆଳିରେ ପହଞ୍ଚି ସାରିଛନ୍ତି। କିନ୍ତୁ ସେମାନଙ୍କ ରିକୁଜେଶନ ଲେଟର ନେବା ପରେ ବ୍ଲକ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇନାହିଁ। ସେମାନଙ୍କ ନିମନ୍ତେ ଖାଦ୍ୟ, ପାନୀୟ ଜଳ, ଆମ୍ବୁଲାନ୍ସ କିମ୍ବା ଦମକଳର ବ୍ୟବସ୍ଥା ନାହିଁ, ଯାହାକୁ ବିରୋଧ କରି ସେମାନେ ରାସ୍ତାରୋକୋ କରିଛନ୍ତି। ନିର୍ବାଚନ ଅଧିକାରୀ ଦ୍ୱିବେନ୍ଦୁ ଦାସ ପହଞ୍ଚି ସେମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଭୋଟ ଗ୍ରହଣ, ଗଣତି ପାଇଁ ବ୍ୟାପକ ବ୍ୟବସ୍ଥା

ଧର୍ମଶାଳା,୧୪।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଧର୍ମଶାଳା ବ୍ଲକ ଅଧୀନ ୪୫ ପଞ୍ଚାୟତର ୬୩୭ ବୁଥ୍‌ରେ ଭୋଟ ଗ୍ରହଣ ହେବ। ବ୍ଲକର ମୋଟ୍ ୬୩୭ ବୁଥ୍ ପାଇଁ ୭୨ଟି ବସ, ୧୧୮ ଟାଟା ମ୍ୟାଜିକ ମୋଟ ୧୯୦ଟି ଗାଡ଼ିରେ ପୋଲିଂ ପାର୍ଟି ବୁଥକୁ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଧର୍ମଶାଳା କଲେଜରୁ ପୋଲିଂ ପାର୍ଟି ବାହାରିବେ। ୧୭୮ ବୋଲେରୋ ଓ କାର ପୋଲିସ ପାଟ୍ରୋଲିଂ ପାଇଁ ବ୍ୟବହୃତ ହେବ। ଏହି ନିର୍ବାଚନରେ ବ୍ଲକର ୯୫୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଧର୍ମଶାଳା ମହାବିଦ୍ୟାଳରେ ଭୋଟ ଷ୍ଟ୍ରଙ୍ଗ ରୁମ୍ ଓ ଗଣତି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କଲେଜରୁ ପୋଲିଂ ପାର୍ଟି ବସ ଓ ଟାଟା ମ୍ୟାଜିକରେ ବିଭିନ୍ନ ବୁଥକୁ ଯିବା ପାଇଁ ବ୍ୟବସ୍ଥା ହୋଇଛି। ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ପରେ ଭୋଟ ବାକ୍ସ ଧର୍ମଶାଳା କଲେଜର ଷ୍ଟ୍ରଙ୍ଗ ରୁମରେ ରଖାଯିବା ବ୍ୟବସ୍ଥା କରାଯାଇଛି। ଏଥିସହ କଲେଜ ପରିସରରେ ଭୋଟ ଗଣତି ଓ ଷ୍ଟ୍ରଙ୍ଗ ରୁମ ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି। ୨୬ତାରିଖରେ ଏହି ବ୍ଲକ ୧୧ନଂ.ଜୋନର ୯ ପଞ୍ଚାୟତ ପାଇଁ ଭୋଟ ଗଣତି ହେବ। ୨୭ତାରିଖରେ ୧୨ ନଂ. ଜୋନର ୯ ପଞ୍ଚାୟତ ଓ ୧୩ ଜୋନର ୧୦ ପଞ୍ଚାୟତ ପାଇଁ ଦୁଇଟି ହଲରେ ଭୋଟ ଗଣତି ହେବ। ୨୮ତାରିଖରେ ୧୪ ନଂ. ଜୋନର ୯ ପଞ୍ଚାୟତ ଓ ୧୫ ନଂ. ଜୋନର ୮ ପଞ୍ଚାୟତ ପାଇଁ ଭୋଟ ଗଣିତି ହେବ। ପ୍ରତି ପଞ୍ଚାୟତ ପାଇଁ ଗୋଟିଏ ଲେଖାଏ ଟେବୁଲରେ ୪ଜଣ ଗଣତି ଅଧିକାରୀ ନିୟୋଜିତ ହେବେ। ପ୍ରାର୍ଥୀଙ୍କ ପ୍ରତିନିଧି ଗଣତି ଦିନରେ ଉପସ୍ଥିତ ରହିବେ ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## ପୁରୁଣା ଶିବିରରେ ଦଳଡିଆଁ ନେତା

**ସୁକିନ୍ଦା, ଦାନଗଦିରେ ପଞ୍ଚାୟତ ନିର୍ବାଚନ**

- ପ୍ରତିଶ୍ରୁତି ହେଲାନି ପାଳନ
- ଫେରିବାକୁ ଚାଲିଛି ଗୁପ୍ତ ବୈଠକ

ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୧୪।୨

ଯାଜପୁର ଜିଲାର ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୪ର୍ଥ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୨୨ରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ହେଲେ ନାମାଙ୍କନ ପତ୍ର ଦାଖଲ ପରେ କର୍ମୀ ମହଲରେ ଅସନ୍ତୁଷ୍ଟ ବୃଦ୍ଧି ପାଇଛି। ବିଶେଷ କରି ବିଭିନ୍ନ ପ୍ରତିଶ୍ରୁତି ଦେଇ ଅନ୍ୟ ଦଳରୁ ଆମଦାନୀ ହୋଇଥିବା କେତେଜଣ ଆଗଧାଡିର ନେତା ପୁଣି ପୁରୁଣା ଦଳକୁ ଫେରି ସାରିଛନ୍ତି। ଅନ୍ୟ କେତେଜଣ ଗୁପ୍ତ ବୈଠକ କରି ଫେରିବାକୁ ଯୋଜନା କରୁଛନ୍ତି। ସୁକିନ୍ଦାର ୨ ଟାଣୁଆ ନେତା ପୁଷ୍ପକ ମହାପାତ୍ର ଓ ପୂର୍ବତନ ସରପଞ୍ଚ ରାଜକିଶୋର ଜେନା ତାଙ୍କ ସମର୍ଥକଙ୍କ ସହ ପୁରୁଣା ଦଳ ଭାଜପାକୁ ଫେରିଛନ୍ତି। ପ୍ରତିଶ୍ରୁତି ପାଳନରେ ଦଳୀୟ ନେତା ବିଫଳ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପଞ୍ଚାୟତ ନିର୍ବାଚନ ପରେ ଏକାଧିକ ଦଳଡିଆଁ ନେତା ତାଙ୍କ ପୁରୁଣା ଦଳକୁ ଫେରିବେ ବୋଲି ଆଲୋଚନା ଜୋର ଧରିଛି।

ସୁକିନ୍ଦା ନିର୍ବାଚନମଣ୍ଡଳୀକୁ ବିଜେଡିର ଗଡ଼ କୁହାଯାଉଛି। ୩୦ ବର୍ଷ ହେଲା ଏଠାରେ ଶାସକ ଦଳ ରାଜନୀତି ଚାଲିଛି। ବିରୋଧୀ ଦଳ ଏହାର ମୁକାବିଲା କରି ପାରୁ ନ ଥିବାରୁ ବିଜେଡି ଫାଇଦା ନେଉଛି। ଏହି ନିର୍ବାଚନମଣ୍ଡଳୀରେ ବହୁ ପ୍ରସଙ୍ଗ ରହିଛି। ନଗଡ଼ା ଶିଶୁ ମୃତ୍ୟୁ, ନଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ମରାମତିରେ ଅନିୟମିତତା, ଶିଳ୍ପ ଓ ଖଣି ସଂସ୍ଥା କର୍ତ୍ତୃପକ୍ଷଙ୍କ ଦ୍ୱାରା ପୋଲିସ, ଖଣି ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ମାସିକ ବଟି ଦେଇ ବୋଲକରା ସଜାଇବା, ସ୍ଥାନୀୟ ନିଯୁକ୍ତିକୁ ଅବହେଳା, ଶ୍ରମିକ ଛଟେଇ, ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଓ ଠିକାଦାରୀରେ ଅଗ୍ରାଧିକାର, ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣରେ ଅବହେଳା ସହ ବିଭିନ୍ନ ମୌଳିକ ସମସ୍ୟା ଲାଗି ରହିଛି। ଇତିମଧ୍ୟରେ ୨ ଗ୍ରାମ ଚିଙ୍ଗୁଡ଼ିପାଳ ଓ ସାଲିଜଙ୍ଗା ପଞ୍ଚାୟତ ଲୋକେ ଭୋଟ ବର୍ଜନ ନିଷ୍ପତ୍ତି ନେଇ ସାରିଛନ୍ତି। ତେବେ ଚଳିତ ବର୍ଷ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ(ଗୁଟୁ)ଙ୍କ ନେତୃତ୍ୱରେ ପ୍ରାର୍ଥୀ କଡ଼ା ମୁକାବିଲା କରିବେ ବୋଲି ଚର୍ଚ୍ଚା ହେଉଛି। ଏହି କ୍ରମରେ ବିଜେଡି ବିରୋଧୀ ନେତା ଓ କର୍ମୀ ଭାଜପା ପ୍ରାର୍ଥୀଙ୍କୁ ଅଘୋଷିତ ସମର୍ଥନ ଦେଉଥିବା ସୂଚନା ମିଳିଛି। ଚଳିତ ପଞ୍ଚାୟତ ନିର୍ବାଚନରେ ୬ ଜିଲା ପରିଷଦ ଆସନରେ ୨୬ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେଥିରୁ ୧୦ ନମ୍ବର ଜୋନ୍‌ରେ ବିଜେଡିର ସୁଚିତ୍ରା ବିଶ୍ୱାଳ ଓ ଭାଜପାର ଲୋପାମୁଦ୍ରା ନାୟକଙ୍କ ମଧ୍ୟରେ କଡା ଟକ୍କର ହେଉଛି। ବିଜେଡିର ବିଶ୍ୱାଳ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ସେ ଯାଜପୁର ରୋଡ଼ରେ ରୁହନ୍ତି। ନିର୍ବାଚନ ମଇଦାନରେ ସେ ସମ୍ପୂର୍ଣ୍ଣ ନୂଆ । ତଥାପି ବିଜେଡି ଭରସାରେ ସେ ଜୟଯୁକ୍ତ ହେବେ ବୋଲି ଆଶା ରଖିଛନ୍ତି। ଅନ୍ୟପକ୍ଷେ ଭାଜପାର ନାୟକ ପୂର୍ବତନ ଦାନଗଦି ବ୍ଲକ ଅଧକ୍ଷା। ଏହି ୫ ବର୍ଷ ମଧ୍ୟରେ ଅନେକ ଲୋକହିତକର ଯୋଜନାରେ ତାଙ୍କ ସମ୍ପୃକ୍ତି ରହିଛି। ଅନ୍ୟ ଜୋନ୍‌ଗୁଡ଼ିକରେ ପ୍ରାୟ ନୂଆ ଚେହେରା ଉପରେ ବିଜେଡି, ଭାଜପା ଓ କଂଗ୍ରେସ ଭରସା କରିଛି। ତେବେ ଦଳଡିଆଁ ନେତା ପୁଣି ତାଙ୍କ ପୁରୁଣା ଦଳକୁ ଫେରି ଯାଉଥିବାରୁ ନିର୍ବାଚନର ଫଳାଫଳ ଉପରେ ସମୀକରଣ ବଦଳି ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଭୁଲ୍ ଚିକିତ୍ସାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ



ଗ୍ରାମବାସୀ ଡିହସାହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି।

ଏରସମା,୧୪।୨(ସ୍ୱ.ପ୍ର.)

ଏରସମା ଥାନା ପଏଦା ପଞ୍ଚାୟତସ୍ଥିତ କାଞ୍ଚିଆକଣ ଗାଁର ଜଣେ ଯୁବକଙ୍କୁ ଭୁଲ୍ ଚିକିତ୍ସା କରାଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାର ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଥିଲେ। କାଞ୍ଚିଆକଣ ଗାଁର ପ୍ରଶାନ୍ତ ସାମଲ (୪୨) ରବିବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡିହସାହି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଓ ଔଷଧ ଦେଇଥିଲେ। ମାତ୍ର ଯୁବକ ଜଣକ ଭଲହେବା ପରିବର୍ତ୍ତେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ତାଙ୍କୁ ଅଧିକ ଚିକିତ୍ସା ଲାଗି ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଗ୍ରାମବାସୀ କ୍ଷତିପୂରଣ ଓ ଭୁଲ ଚିକିତ୍ସା ଲାଗି ଡିହସାହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମିୟ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସରୁ ୧୦ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କା ସହାୟତା ଦିଆଯାଇଥିଲା। ନିର୍ବାଚନ ପରେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ବିଡିଓ ବେହେରା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୪ ଲୁଟେରା ଗିରଫ, ୨ ଲକ୍ଷ ଟଙ୍କା ଜବତ

ମାର୍ଶାଘାଇ, ୧୪।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବଜାରରେ ଗତ ୮ ତାରିଖରେ ଏକ ବାଇକ୍ ଡିକି ଚାଡ଼ି ଟଙ୍କା ଲୁଟ୍ କରାଯାଇଥିଲା। ଏହି ଘଟଣାରେ ମାର୍ଶାଘାଇ ଥାନା ପୋଲିସ ୪ ଜଣ ଆନ୍ତଃ ଜିଲା ଲୁଟେରାଙ୍କୁ ରବିବାର ଗିରଫ କରିଛି। ଏମାନଙ୍କଠାରୁ ନଗଦ ୨ ଲକ୍ଷ ଟଙ୍କା, ୨ଟି ବାଇକ୍, ୭ ଗୋଟି ମୋବାଇଲ ଫୋନ୍, ୨ଟି ଡିକିଭଙ୍ଗା ଯନ୍ତ୍ର ଓ ଏକ ବ୍ୟାଗ୍ ଜବତ ହୋଇଛି। ଏ ନେଇ ସୋମବାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ଆଇଆଇସି ପ୍ରଦୀପ୍ତ କୁମାର କାନୁନ୍‌ଗୋ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ମାର୍ଶାଘାଇ ଥାନା ଅନ୍ତର୍ଗତ ଗତାନଈ ଗାଁର ଗଜେନ୍ଦ୍ର ସ୍ୱାଇଁ ଗତ ୮ ତାରିଖରେ ମାର୍ଶାଘାଇ ୟୁକୋ ବ୍ୟାଙ୍କ ଶାଖାରୁ ୨ଲକ୍ଷ ୨୮ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ବଜାରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବାଇକ୍ ରଖି ଏକ ଘଣ୍ଟା ମରାମତି ଦୋକାନକୁ ଯାଇଥିଲେ। ପୂର୍ବରୁ ବ୍ୟାଙ୍କ ନିକଟରୁ ତାଙ୍କୁ ପିଛାକରି ୪ଜଣ ଲୁଟେରା ଘଣ୍ଟା ଦୋକାନ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ବାଇକ୍ ନିକଟରେ ଠିଆ ହୋଇଥିବା ବେଳେ ଅନ୍ୟ ୨ ଜଣ ଘଣ୍ଟା ମରାମତି ବାହାନାରେ ତାଙ୍କୁ ଘେରି ଠିଆ ହୋଇଥିଲେ। ଏହାର ସୁଯୋଗ ନେଇ ରାସ୍ତାରେ ଥିବା ଅନ୍ୟ ୨ଜଣ ଲୁଟେରା ଚତୁରତାର ସହ ଡିକି ତାଡି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଓ କେନ୍ଦ୍ରାପଡ଼ା ସ୍ପେଶାଲ ସ୍କ୍ୱାଡ୍ ମିଳିତ ତଦନ୍ତ କରି ଘଟଣାରେ ବ୍ୟବହୃତ ବାଇକ୍ ନମ୍ବରକୁ ଚିହ୍ନଟ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ପକେଲାପାଲି ଗାଁର ଶିବାଜୀ ଦାସ (୨୦), କୈଳାସ ଦାସ (୨୨), ଜୟ ଚାନ୍ଦୁ (୧୯) ଓ ଠେଙ୍ଗାପାଳିର ଡି. ବାପି। ଏ ନେଇ ଥାନାରେ ନଂ.୨୯/୨୨ରେ ମାମଲା ରୁଜୁ ସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୧୧ ବୁଥ୍ ଉତ୍ତେଜନାପ୍ରବଣ ଘୋଷଣା ଦାବି

- ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ସ୍ମାରକପତ୍ର
- ଗୋପାଳପୁରରେ ପ୍ରାର୍ଥୀଙ୍କ ବ୍ୟାନର ଚିରି ପୋଡ଼ି ଦେଲେ

ଜଗତ୍‌ସିଂହପୁର ଅଫିସ, ୧୪।୨

ଜଗତ୍‌ସିଂହପୁର ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୧୧ଟି ବୁଥ୍‌କୁ ଉତ୍ତେଜନାପ୍ରବଣ ଭାବେ ଘୋଷଣା କରିବାକୁ ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି ଅଖିଳେଶ୍ୱର ସିଂହଙ୍କ ନିକଟରେ ସୋମବାର ଦାବି କରାଯାଇଛି। ଏଗୁଡିକ ମଧ୍ୟରୁ ତିର୍ତ୍ତୋଲ ବ୍ଲକ ଗୋପାଳପୁର ପଞ୍ଚାୟତର ୩ଟି ବୁଥ୍ ଅଞ୍ଚଳରେ ଜଣେ ପ୍ରାର୍ଥୀଙ୍କ ବ୍ୟାନର ଚିରାଯିବା ସହ ପୋଡ଼ି ଦିଆଯାଇଛି, ଯେଉଁ କାରଣରୁ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଅନ୍ୟ ବୁଥ୍‌ଗୁଡିକରେ ମଧ୍ୟ ଅନୁରୂପ ପରିବେଶ ସୃଷ୍ଟି ହୋଇଥିବାରୁ ତୁରନ୍ତ ସମ୍ବେଦନଶୀଳ ଘୋଷଣା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଉଛି।

ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ ଚିଠି ମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ, ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଅରଣା ଗାଁରେ ଥିବା ୧, ୨ନଂ. ଏବଂ କୀର୍ତ୍ତନପୁର ଗାଁସ୍ଥିତ ୧୩ ନଂ. ବୁଥ୍ ସମ୍ବେଦନଶୀଳ ରହିଛି। ଗତ ୮ ତାରିଖରେ ଗୋପାଳପୁର ସରପଞ୍ଚ ପ୍ରାର୍ଥୀ ରଶ୍ମିରଞ୍ଜନ ଦାସଙ୍କ ବ୍ୟାନର ଗୁଣ୍ଡାମାନଙ୍କ ଦ୍ୱାରା ଚିରାଯିବା ସହ ପୋଡ଼ି ଦିଆଯାଇଛି। ୯ ତାରିଖରେ ଏ ନେଇ ରଶ୍ମିରଞ୍ଜନ କନକପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଜନୈକ ବିପକ୍ଷ ସରପଞ୍ଚ ପ୍ରାର୍ଥୀଙ୍କ କାର୍ଯ୍ୟକଳାପକୁ ନେଇ ଜିଲା କଂଗ୍ରେସ ସଭାପତି ବାରିକ ପ୍ରଶ୍ନ ଉଠାଇଛନ୍ତି। ସେ ଦର୍ଶାଇଛନ୍ତି, ବିପକ୍ଷ ସରପଞ୍ଚ ପ୍ରାର୍ଥୀ ବିଜେଡି ସମର୍ଥିତ ଏବଂ କ୍ଷମତାଶାଳୀ। ଧନୀ ଶ୍ରେଣୀର ହୋଇଥିବାରୁ ବାହୁବଳ ପ୍ରୟୋଗ କରିବାର ସମ୍ଭାବନା ରହିଛି। ଅତୀତର କେତୋଟି ନିର୍ବାଚନରେ ଏହି ପଞ୍ଚାୟତରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିବା ନଜିର ରହିଛି। ୨୦୧୭ ନିର୍ବାଚନରେ ଏହି ପଞ୍ଚାୟତ ଅନ୍ତର୍ଗତ ଅରଣା ବୁଥ୍ ନଂ.୨ରେ ଜଣେ ପୋଲିସ କର୍ମଚାରୀ ଆକ୍ରମଣର ଶିକାର ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ପଞ୍ଚାୟତ ଅନ୍ତର୍ଗତ କୀର୍ତ୍ତନପୁର ଗାଁ ୧୯ନଂ. ବୁଥ୍‌ରେ ଗଣ୍ଡଗୋଳ ହୋଇଥିଲା। ସେତେବେଳେ ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ତେଣୁ ଏବେ ଘଟିଯାଉଥିବା ଘଟଣା ଲାଗିରହିଲେ ଯେ କୌଣସି ସମୟରେ ପଞ୍ଚାୟତରେ ଗଣ୍ଡଗୋଳ ହେବାର ଆଶଙ୍କା କରାଯାଉଛି। ତେଣୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ। ସେହିପରି ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଯଁକୋଟି ପଞ୍ଚାୟତ ଅଧୀନ ବେଣ୍ଣୁପୁର ସ୍କୁଲରେ କରାଯାଇଥିବା ୮, ୯, ୧୦, ୧୧ ଓ ୧୨ନଂ. ବୁଥ୍, ଖଇରଙ୍ଗ ପଞ୍ଚାୟତ ୧୧ନଂ. ୱାର୍ଡର ପୁରଣ ସ୍କୁଲ ବୁଥ୍, ବିରିବାଟୀ ପ୍ରାଥମିକ ବିଦ୍ୟାଳୟ ୧୭ ନଂ. ୱାର୍ଡ ଓ ପଳାଶୋଳ ବିଦ୍ୟାଳୟ ବୁଥ୍ ସମ୍ବେଦନଶୀଳ ରହିଛି। ତେଣୁ ଉପରୋକ୍ତ ବୁଥ୍‌ଗୁଡିକୁ ଉତ୍ତେଜନାପ୍ରବଣ ଘୋଷଣା କରାଯାଉ ବୋଲି ବାରିକ ଦାବି କରିଛନ୍ତି। ପରେ ଏହାର ଏକକିତା ନକଲ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଓ ରାଜ୍ୟ ନିର୍ବାଚନ କମିଶନଙ୍କ ଅବଗତି ନିମନ୍ତେ ପଠାଯାଇଛି।




ନିର୍ବାଚନୀ ପୋଷ୍ଟର ଚିରାଯାଇଛି।

## ସଂକ୍ଷେପରେ

### ୨୧ଜଣଙ୍କ ନାମରେ ମାମଲା, ଜଣେ ଅଟକ

**ଖଣ୍ଡପଡ଼ା,୧୪।୨(ସ୍ୱ.ପ୍ର.):** ଗତ ୧୨ ତାରିଖ ସନ୍ଧ୍ୟାରେ ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତର ବାସୁଦେବପୁର ଗ୍ରାମରେ ରାଜନୈତିକ ହିଂସାକାଣ୍ଡ ଘଟିଥିଲା । ଗ୍ରାମରେ ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠୀର ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅନ୍ୟ ଗୋଷ୍ଠୀର ଯୁବକ ଶୁଭାଶିଷ ପରିଡ଼ାଙ୍କୁ ଆକ୍ରମଣ କରିଥିଲେ । ଶୁଭାଶିଷଙ୍କୁ ରକ୍ଷା କରିବାକୁ ଆସି ବଳରାମ ପରିଡ଼ା, ଶ୍ରୀହରି ପରିଡ଼ା, ବ୍ରହ୍ମଚାରୀ ପରିଡା ପ୍ରମୁଖ ଆକ୍ରମଣର ଶିକାର ହୋଇଥିଲେ। ଆହତ ବଳରାମ ଓ ଶ୍ରୀହରି ଏବେ ବି ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ପରିବାର ସଦସ୍ୟମାନେ କହିଛନ୍ତି। ଶୁଭାଶିଷଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଖଣ୍ଡପଡ଼ା ଥାନାରେ ବାସୁଦେବପୁର ଗ୍ରାମର ବାଦଲ ପ୍ରଧାନ,ଆକାଶ ପ୍ରଧାନ, ବବୁଲ ପ୍ରଧାନ, କୈଳାସ ପରିଡ଼ା, କଳିଙ୍ଗ ପ୍ରଧାନ, ସ୍ୱାଧୀନ ପ୍ରଧାନ, ଝରଣା ପ୍ରଧାନ, ଗଗନ ପ୍ରଧାନ, କନକ ପରିଡ଼ା ପ୍ରମୁଖ ୯ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷେ ଉର୍ମିଳା ପ୍ରଧାନଙ୍କ ଏତଲା କ୍ରମେ ଶ୍ରୀହରି ପରିଡ଼ା, ଭିକାରୀ ପରିଡ଼ା, ବିହାରୀ ପରିଡ଼ା, ଭରତ ପରିଡ଼ା, ଫିଲୁ ପରିଡ଼ା, ବଳିଆ ପରିଡ଼ା, ପ୍ରମିଳା ପରିଡ଼ା, ଗାଣ୍ଡୁ ପରିଡ଼ା, ତୁଳସୀ ପରିଡ଼ାଙ୍କ ସମେତ ୧୨ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟ କହିଛନ୍ତି । ଏ ନେଇ ଥାନାରେ୨ଟି ମାମଲା(ନଂ.୩୮/୨୨ ଓ ୩୯/୨୨) ରୁଜୁ ହୋଇ ତଦନ୍ତ ଚାଲିଛି । ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ଜଣେ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

### କଇଁଫୁଲିଆରେ ପର୍ଯ୍ୟବେକ୍ଷକ

**ନୟାଗଡ଼ ଅଫିସ,୧୪।୨:**ଭାପୁର ବ୍ଲକର କଇଁଫୁଲିଆ ପଞ୍ଚାୟତକୁ ସାଧାରଣ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ବେହେରା ସୋମବାର ପରିଦର୍ଶନରେ ଯାଇ ଫେରିଛନ୍ତି। ପର୍ଯ୍ୟବେକ୍ଷକଙ୍କ ସହ ଭାପୁର ବିଡ଼ିଓ ଓ ଫତେଗଡ଼ ଥାନା ଆଇଆଇସି ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ପଞ୍ଚାୟତର କଇଁଫୁଲିଆ, ବଡ଼ପୁଟ,ଦୁଆଡିଆ ଗାଁ ବୁଲିଥିଲେ।

### ସ୍ତ୍ରୀ ସରପଞ୍ଚ,ସ୍ୱାମୀ ସମିତି ସଭ୍ୟ ପ୍ରାର୍ଥୀ

**ଖଣ୍ଡପଡ଼ା,୧୪।୨(ସ୍ୱ.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋଟିଏ ପରିବାରରୁ ଏକାଧିକ ସଦସ୍ୟ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ଜଣାପଡିଛି । ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ ଜାରି ରଖିଛନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତରେ ସରପଞ୍ଚ ନବ କିଶୋର ସାହୁ ଚଳିତ ନିର୍ବାଚନର ରାଣୀପଡ଼ା ପଞ୍ଚାୟତରେ ସମିତି ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କ ସ୍ତ୍ରୀ କିରଣବାଳା ସାହୁ ଶିଖରପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢୁଛନ୍ତି ।

### ଆଖଣ୍ଡଳମଣିଙ୍କ ବାର୍ଷିକୋତ୍ସବ

**ଖଣ୍ଡପଡ଼ା,୧୪।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡ଼ା ଗ୍ରାମରେ ବାବା ଆଖଣ୍ଡଳମଣିଙ୍କ ୪୦ତମ ବାର୍ଷିକଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୁରୋଧା ଭାବେ ମହେଶ ମିଶ୍ର ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ଓ କଳା ପରିଷଦର ଅଧକ୍ଷ ଲକ୍ଷ୍ମୀଧର ସାହୁ ମୁଖ୍ୟଅତିଥି ଓ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ସାଧାରଣ ସମ୍ପାଦକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ସମ୍ମାନୀତ ଅତିଥି ରୁପେ ଯୋଗଦେଇ ଖଣ୍ଡପଡ଼ା ଅଞ୍ଚଳରେ ଏବେ ବି ବହୁ ବର୍ଷିୟାନ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ସାହିତ୍ୟ ସୁଧାକର କୈଳାସ ଚନ୍ଦ୍ର ପରିଡ଼ା, କଳା ଓ ସଂସ୍କୃତି ପରିଷଦର ଉପଦେଷ୍ଟା ତ୍ରିନାଥ ପ୍ରଧାନ, ବସନ୍ତ କୁମାର ସାହୁ ଯୋଗଦେଇଥିଲେ । ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଓଡ଼ିଶା ପ୍ରସିଦ୍ଧ ବର୍ଷିୟାନ ଭାଲୁ ନୃତ୍ୟ କଳାକାର ଯୁଗଳ କିଶୋର ଦଳେଇ ଓ ଦୟାନିଧି ବେହେରାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ ରାଜ୍ୟ ସଂସ୍କୃତି ଓ କଳା ପରିଷଦ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ୫୭୪ ବୁଥ୍‌ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

**ନୟାଗଡ଼ ଅଫିସ,୧୪।୨**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକରେ ଆସନ୍ତା ୧୬ ତାରିଖରେ ହେବ । ଏହି ବ୍ଲକର ୩୬ ପଞ୍ଚାୟତର ୫୭୪ ୱାର୍ଡ ରହିଛି । ପ୍ରତି ୱାର୍ଡ ପାଇଁ ଗୋଟିଏ ଲେଖାଏଁ ବୁଥ୍ ହୋଇଥିବାରୁ ବୁଥ୍ ସଂଖ୍ୟା ୫୭୪ । ଏହି ବୁଥ୍‌ରେ ୧ଲକ୍ଷ ୩୪ହଜାର ୯୯୫ଭୋଟର ୬୫୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ମୋଟ୍ ୫୭୪ ବୁଥ୍‌ରୁ ୧୨୦ ଉତ୍ତେଜନା ପ୍ରବଣ ଓ ୮୮ବୁଥ୍ ଅତି ଉତ୍ତେଜନା ପ୍ରବଣ ରହିଛି । ଉପରୋକ୍ତ ବୁଥ୍ ଉପରେ ପୋଲିସର କଡ଼ା ନଜର ରହିଛି।

ବାଣ୍ଟପୁର ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ,୧୫ ୱାର୍ଡମେମ୍ବର ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ୩୫ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ଏବଂ ୫୫୯ ୱାର୍ଡମେମ୍ବରଙ୍କ ପାଇଁ ଭୋଟ ହେବ । କିନ୍ତୁ ୩୬ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟଙ୍କ ପାଇଁ ନିର୍ବାଚନ ହେବ । ବ୍ଲକର ୧ ଓ ୨ନଂ. ଜିଲା ପରିଷଦ ଜୋନ୍ ନୟାଗଡ଼ ନିର୍ବାଚନମଣ୍ଡଳୀରେ ରହିଥିବାବେଳେ ୩ ଓ ୪ ନଂ.ଜିଲା ପରିଷଦ ଜୋନ୍ ରଣପୁର ନିର୍ବାଚନମଣ୍ଡଳୀରେ ଯାଉଛି । ୧ ନଂ. ଜୋନ୍‌ରେ ରହିଛି ୯ଟି ପଞ୍ଚାୟତ। ଏହାର ରୋହିବାଙ୍କ ପଞ୍ଚାୟତରେ ୩ ହଜାର ୯୨୮, କୋମଣ୍ଡରେ ୪ହଜାର ୯୨, କୁରାଳରେ ୧୭ ହଜାର ୧୩୮, ଗିରିଡ଼ିପଲ୍ଲୀରେ ୨ ହଜାର ୯୮୪, ସୁନାମୁହିଁ ୫ ହଜାର ୨୩୧, ରଙ୍ଗଣୀପାଟଣା ୪ ହଜାର ୧୪୯, ପନ୍ତୀଖାରିରେ ୩ ହଜାର ୩୧୮, ରବିଗାଡ଼ିଆରେ ୪ ହଜାର ୫୫୧, ପାଣ୍ଡେରୀପଡ଼ା ପଞ୍ଚାୟତରେ ୩ହଜାର ୨୧୫ ଭୋଟର ଏପରି ମୋଟରେ ୩୮ ହଜାର ୬୦୬ ଭୋଟର ଅଛନ୍ତି। ସେଠାରେ ଧରିତ୍ରୀ ସେଠୀ(ଭାଜପା), ଜ୍ୟୋତ୍ସ୍ନାରାଣୀ ନାୟକ(କଂଗ୍ରେସ) ଓ ଝିଲି ପ୍ରଧାନ(ବିଜେଡି) ଲଢୁଛନ୍ତି। ୨ନଂ. ଜୋନ୍‌ରେ ୯ ପଞ୍ଚାୟତ ରହିଛି। ବାଣ୍ଟପୁର ପଞ୍ଚାୟତରେ ୨ହଜାର ୫୦୫,



- ୧.୩୪ ଲକ୍ଷ ଭୋଟର ବାଛିବେ ନିଜ ପ୍ରତିନିଧି
- ୨୦୮ ବୁଥ୍ ଉତ୍ତେଜନା ପ୍ରବଣ

ଗୌଡ଼ପୁଟରେ ୩ ହଜାର ୮୦୪, କୋରପିଠାରେ ୧ ହଜାର ୮୬୯, ନନ୍ଦିଘୋରରେ ୪ ହଜାର ୭୯୨, ଶରଧାପୁରରେ ୩ ହଜାର ୬୦୪, ସାକେରୀ ୩ ହଜାର ୯୯୯, ଆରଡ଼ାରେ ୨ ହଜାର ୭୨୮, ରାବେରାରେ ୬ ହଜାର ୮୯୭, ଭାଡିକିଲା ପଞ୍ଚାୟତରେ ୨ ହଜାର ୫୫୮ ଭୋଟର ଏପରି ମୋଟରେ ୨୭ ହଜାର ୭୫୬ ଭୋଟର ଅଛନ୍ତି । ଏହି ଜୋନ୍‌ରେ ଆରତୀ କୁମାରୀ ଗୌଡ଼ (ଭାଜପା), ସବିତା କର (କଂଗ୍ରେସ), ବିରଜା ଲକ୍ଷ୍ମୀ ସାହୁ (ବିଜେଡି), ସଂଯୁକ୍ତା ସେଠୀ (କଳିଙ୍ଗସେନା) ନିର୍ବାଚନ ଲଢୁଛନ୍ତି । ୩ନଂ. ଜିଲା ପରିଷଦ ଜୋନ୍‌ରେ ୭ ପଞ୍ଚାୟତ ରହିଛି । ଗୋଡିସାହି ପଞ୍ଚାୟତରେ ୪ ହଜାର ୭୩୨, ହରିହରପୁରରେ ୫ ହଜାର ୯୭୭, ମଗରବନ୍ଧରେ ୪ ହଜାର ୬୫୪, ପଞ୍ଚରିଡାମାନପୁରରେ ୩ ହଜାର ୬୨୫, ଶରଣକୁଳରେ ୬ ହଜାର ୩୪୪, ସୋଲପଟାରେ ୨ ହଜାର ୩୨୨, ଗୋଡ଼ିପଲ୍ଲୀ ପଞ୍ଚାୟତରେ ୪ ହଜାର ୬୩୭ ଭୋଟର ଏପରି ମୋଟ ୩୨ ହଜାର ୨୯୧ ଭୋଟର ଅଛନ୍ତି । ଏଠାରେ କୁମାରୀ ପାତ୍ର ଭାଜପାରୁ ପ୍ରାର୍ଥୀ ହୋଇଥିବାବେଳେ ସସ୍ମିତା କୁମାରୀ ଦାଶ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି । ଚିନ୍ମୟୀ ଦାଶ ବିଜେଡି ପ୍ରାର୍ଥୀ ହୋଇଥିବାବେଳେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାକ୍ସବାଦୀ)ରୁ ଜ୍ୟୋତିପ୍ରଭା ଜେନା ନିର୍ବାଚନ ଲଢୁଛନ୍ତି ।

୪ ନଂ. ଜୋନ୍‌ରେ ରହିଛି ୧୧ ପଞ୍ଚାୟତ। ଏହାର ବଡ଼ଗୋରଡା ପଞ୍ଚାୟତରେ ୨ ହଜାର ୯୪୬, ବରସାହିରେ ୨ ହଜାର ୮୫୯, ଡିମିଶରରେ ୪ ହଜାର ୪୭୧, ଗୋଡ଼ିପଡାରେ ୫ ହଜାର ୪୩, କଜଳାଇପଲ୍ଲୀରେ ୩ହଜାର ୧୧୯, ପଞ୍ଚୁମୁରେ ୩ ହଜାର ୨୬୩, ଶିଖରପୁରରେ ୪ ହଜାର ୬୭୨, ଆଙ୍ଗିସିଙ୍ଗରେ ୨ହଜାର ୬୪୯, ଗୋଲଗାଁରେ ୨ ହଜାର ୬୧୯, ଭାଲିଆଡିହରେ ୨ ହଜାର ୬୦୨, ହରିଡ଼ାବନ୍ଧ ପଞ୍ଚାୟତରେ ୨ହଜାର ୦୧୯ ଭୋଟର ଏପରି ମୋଟରେ ୩୬ହଜାର ୩୪୨ଭୋଟର ଅଛନ୍ତି । ଏଠାରେ ଭାଜପାରୁ ପ୍ରତିମା ପ୍ରଧାନ, କଂଗ୍ରେସରୁ ରୁନା ବିଶୋଇ ଓ ବିଜେଡିରୁ ସଂଯୁକ୍ତା ପଢ଼ିହାରୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

## ବ୍ଲାକ୍ ସ୍ପଟ୍‌ରେ ପୁଣି ଦୁର୍ଘଟଣା

### ଆହତଙ୍କୁ ଡାକ୍ତରଖାନା ଆଣିଲେ ଉପଜିଲାପାଳ

**ନୟାଗଡ଼ ଅଫିସ,୧୪।୨**

ନୟାଗଡ଼-ଓଡ଼ଗାଁ ରାସ୍ତାର ଶରଣକୁଳ ସୁଆରସାହିଠାରେ ସୋମବାର ଦୁର୍ଘଟଣା ଘଟିଛି । ଏହି ସ୍ଥାନରେ ଗତ ବର୍ଷ ଦୁର୍ଘଟଣା ଘଟି ୪ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ସ୍ଥାନକୁ ବ୍ଲାକ୍‌ସ୍ପଟ୍ ଘୋଷଣା ହୋଇଛି । ଗତ ୪ମାସ ମଧ୍ୟରେ୨୩ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଲାଣି । ହରିହରପୁର ଗାଁର ବଖାରି ବରାଡ଼(୩୫)ଗାଁରୁ ଶରଣକୁଳ ବଜାରକୁ ବାଇକ୍‌ରେ ଆସୁଥିଲେ । ପଛ ପାଖରୁ ଆସୁଥିବା ଏକ ଟ୍ରକ (ନଂ.ଓଡି ୨୫ଇ ୩୮୪୫) ସୁଆରସାହିଠାରେ ବଖାରିଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ସେହି ସମୟରେ ଉପଜିଲାପାଳ ଲଗ୍ନଜିତ୍ ରାଉତ ନିର୍ବାଚନ କାର୍ଯ୍ୟସାରି ଓଡ଼ଗାଁରୁ ନୟାଗଡ଼ ଫେରୁଥିଲେ । ନିଜ ଗାଡ଼ିରେ ଆହତଙ୍କୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

# କଣ୍ଟିଲୋ(ଏ) ଭଲି ଟିମ୍ ଚାମ୍ପିୟନ

**ଖଣ୍ଡପଡ଼ା,୧୪।୨(ସ୍ୱ.ପ୍ର.)**

କଣ୍ଟିଲୋ ଶ୍ରୀନୀଳମାଧବ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ରବିବାର ଆୟୋଜିତ ଦିବାରାତ୍ର ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟରେ କଣ୍ଟିଲୋ(ଏ) ଭଲି କ୍ଲବ ୨-୦ ସେଟ୍‌ରେ ଫତେଗଡ଼ ଭଲିବଲ୍ ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଗାନ୍ଧୀପାର୍କଠାରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଭଙ୍ଗାରିକା ଭଲି ଟିମ୍‌କୁ ୨-୧ ସେଟ୍‌ରେ ବନମାଳୀପୁର ଟିମ୍ ପରାସ୍ତ କରି ଥିବା ବେଳେ ଫତେଗଡ଼ ଟିମ୍ ୨-୧ ସେଟ୍‌ରେ ବିଜୟ ନଗର ଟିମ୍‌କୁ ହରାଇଥିଲା। ପରେ କଣ୍ଟିଲୋ(ଏ) ସହିତ ପାଇକ ବାରବାଟୀ ଟିମ୍‌ର ମୁକାବିଲା ହୋଇଥିଲା । କଣ୍ଟିଲୋ(ଏ)ଟିମ୍ ୨-୦ ସେଟ୍‌ରେ ବିଜୟୀ ହୋଇଥିଲା । ଶେଷ ଲିଗ୍ ମ୍ୟାଚ୍‌ରେ କଣ୍ଟିଲୋ(ବି) ଟିମ୍ ସହିତ ଭେଡ଼ା(ବାଙ୍କୀ) ଟିମ୍‌ର ମୁକାବିଲା ହୋଇଥିଲା । ଏଥିରେ ଭେଡ଼ାକୁ ପରାସ୍ତ କରି କଣ୍ଟିଲୋ(ବି)ଟିମ୍ ୨-୦ ସେଟ୍‌ରେ ବିଜୟୀ ହୋଇଥିଲା । ସେମିଫାଇନାଲ ମ୍ୟାଚ୍‌ରେ କଣ୍ଟିଲୋ(ଏ) ସହିତ ବନମାଳୀପୁର ଓ କଣ୍ଟିଲୋ(ବି) ସହିତ ଫତେଗଡ଼ ଟିମ୍‌ର ମୁକାବିଲା ହୋଇଥିଲା। ଏଥିରେ କଣ୍ଟିଲୋ(ଏ) ୨-୦ସେଟ୍‌ରେ ଏବଂ ଫତେଗଡ଼ ଦଳ ୨-୧ ସେଟରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚରେ କଣ୍ଟିଲୋ(ଏ) ଭଲି କ୍ଲବ ଫତେଗଡ଼ ଭଲି କ୍ଲବକୁ ୨-୦ ସେଟ୍‌ରେ ହରାଇ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲା । ବିଳମ୍ବିତ ରାତିରେ ଚାମ୍ପିୟନ କଣ୍ଟିଲୋ ଦଳ ଓ ରନର୍ସଅପ୍ ଫତେଗଡ଼ ଦଳଙ୍କୁ ଟ୍ରଫି ସହ ଅର୍ଥରାଶି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ମାଧବ ଚନ୍ଦ୍ର ସାହୁ ମୁଖ୍ୟଅତିଥି, ଫାର୍ମାସିଷ୍ଟ ମାନସ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ରାଜେଶ ମହାରଣା, ରିତ କୁମାର ମହାରଣା ଓ ସନ୍ତୋଷ କୁମାର ସାହୁ ଖେଳକୁ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନୁଷ୍ଠାନର କର୍ମକର୍ତ୍ତା ।

### ଆନ୍ତଃ ଜିଲା ଦିବାରାତ୍ର ଭଲି ଟୁର୍ନାମେଣ୍ଟ

# ବାପାଙ୍କୁ ମୁଖାଗ୍ନି ଦେଲେ ଝିଅ

**ନୂଆଗାଁ,୧୪।୨(ଡି.ଏନ.ଏ.)**

- ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା

ନୟାଗଡ଼ ଜିଲା ନୂଆଗାଁ ଥାନା ମୁଦୁରାଙ୍ଗଠାରେ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ନୂଆଗାଁ ଗ୍ରାମର ବ୍ରଜ ମୋହନ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା । ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବ୍ରଜମୋହନଙ୍କ ସାନ ଝିଅ ମୁଖାଗ୍ନି ଦେଇଛନ୍ତି ।

ସୂଚନା ଅନୁଯାୟୀ, ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥର ନୂଆଗାଁ ଥାନା ଅଧୀନ ମୁଦୁରାଙ୍ଗ ଛକ ନିକଟରେ ଏକ ମାଲ ବୋଝେଇ ଟ୍ରକ(ନଂ.ଓଡି ୧୦ ସି ୨୩୪୮) ବ୍ରଜମୋହନଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ଏଥିରେ ବ୍ରଜମୋହନ (୬୪) ଗୁରୁତର ହୋଇଥିଲେ । ନୂଆଗାଁ ଦମକଳ ବାହିନୀ ଆହତଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆଗାଁ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି । ବ୍ରଜ ମୋହନଙ୍କର କେବଳ ଦୁଇ ଝିଅ ଅଛନ୍ତି । ଅନ୍ୟମାନଙ୍କ ସହ ୨ ଝିଅ ବାପାଙ୍କ ମୃତଦେହକୁ କୋକେଇରେ କାନ୍ଧେଇ ଶ୍ମଶାନକୁ ନେଇଥିଲେ । ସାନ ଝିଅ ବି.ବ୍ରଜ କିଶୋରୀ ପ୍ରଧାନ ମୁଖାଗ୍ନି ଦେଇଥିଲେ ।

## ଛାତ୍ରୀଛାତ୍ରଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୧୪।୨(ସ୍ୱ.ପ୍ର.)**

ସୋମବାର ବିଭିନ୍ନ ସ୍ଥାନରେ ଭାଲେଣ୍ଟାଇନ୍ସ ଡେ ପାଳିତ ହୋଇଥିବା ବେଳେ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଗୁରୁମା ଗୁରୁଜୀମାନଙ୍କୁ ଫୁଲଚନ୍ଦନ ଦେଇ ପୂଜା କରିଥିଲେ । ଏହି ଅବସରରେ ସେମାନେ ଗୁରୁ ବନ୍ଦନା ଗାନ କରି ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଗୁରୁମା, ଗୁରଜୀମାନେ ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଛନ୍ତି ।

# ଦୁଇ ବିଧାୟକଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ

## ଓଡ଼ଗାଁ ବ୍ଲକ୍ ୪ନଂ.ଜୋନ୍

- ବଦଳୁଛି ନିର୍ବାଚନ ପାଣିପାଗ
- ହେଭିୱେଟ୍‌ଙ୍କ ବିଜୟ ଚିନ୍ତା ଘାରିଲା

**ନୟାଗଡ଼ ଅଫିସ,୧୪।୨**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ରେ ହେବ । ଏଥିପାଇଁ ସୋମବାର ପ୍ରଚାର ଶେଷ ହୋଇଛି । ଆଉ ମାତ୍ର ଗୋଟିଏ ଦିନ ପରେ ଭୋଟ୍। ଇତି ମଧ୍ୟରେ ନିର୍ବାଚନର ଚିତ୍ର ବଦଳିବା ଆରମ୍ଭ ହୋଇଛି । ନିର୍ବାଚନ ପାଇଁ ନେତା, ପ୍ରାର୍ଥୀ, କର୍ମୀ ସମସ୍ତେ ବ୍ୟସ୍ତ। ତେବେ ନିଜ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ କି ଭଳି ବିଜୟୀ ହେବେ ସେନେଇ ବିଧାୟକଙ୍କ ଟେନ୍‌ଶନ ବଢ଼ିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବିଧାୟକମାନଙ୍କୁ ତାଗିଦ୍ କରିଛନ୍ତି ଦଳୀୟ ପ୍ରାର୍ଥୀ ଯେପରି ପରାଜିତ ହେବେ ନାହିଁ। ନୟାଗଡ଼ ଓ ରଣପୁର ନିର୍ବାଚନ ମଣ୍ଡଳୀ ବିଜେଡିର ଗଡ଼ । ଏଠାରେ ବିଜେଡିର ଦୁଇ ବିଧାୟକ ଅରୁଣ ସାହୁ ଓ ସତ୍ୟନାରାୟଣ ପ୍ରଧାନ ଜିତିଛନ୍ତି । ରଣପୁର ବିଧାୟକ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଥିବାବେଳେ ଅରୁଣ ସାହୁ କୃଷି, କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅଛନ୍ତି । ଏହି ଦୁଇ ବିଧାୟକଙ୍କ ନିର୍ବାଚନମଣ୍ଡଳୀର ୨ଟି ଲେଖାଏଁ ୪ଟି ଜୋନ୍‌ରେ ନିର୍ବାଚନ ହେଉଛି । ଯେମିତି ହେଲେ ନିର୍ବାଚନରେ ବାଜି ମାରିବାକୁ ହେବ । ସେଥିପାଇଁ ବିଜେଡି ପକ୍ଷରୁ କଳ, ବଳ ଓ କୌଶଳ ବ୍ୟବହାର କରାଯାଉଛି।

ୱାର୍ଡର ସ୍କାନ୍ ଶେଷ ହୋଇଛି । କେଉଁ ୱାର୍ଡରେ କେତେ ଭୋଟ ଅଛି ଓ କେଉଁ ଭୋଟ କେଉଁଆଡେ ଯିବ ସେ ସବୁର ହିସାବ ନିକାଶ ସରିଛି । ଏସବୁ ଅଙ୍କକଷା ଭିତରେ ଜଣେ ହେଭିୱେଟ ଜିଲାପରିଷଦ ପ୍ରାର୍ଥୀଙ୍କୁ ନେଇ ନେତାଙ୍କ ଚିନ୍ତା ବହୁଗୁଣିତ ହୋଇଛି । କାରଣ ହେଭିୱେଟ ପ୍ରାର୍ଥୀ ୨ନଂ. ଜୋନ୍‌ର ବିରଜା ଲକ୍ଷ୍ମୀ ସାହୁଙ୍କ ଜିତିବା ଓ ହାରିବା ମର୍ଯ୍ୟାଦାର ପ୍ରଶ୍ନ ହୋଇଛି । ଯଦି ବିରଜା ହାରିବେ ମନ୍ତ୍ରୀଙ୍କ ସମ୍ମାନ ଚାଲିଯିବ । ବିରଜାଙ୍କ ସ୍ୱାମୀ ଲୋକନାଥ ସାହୁ ମନ୍ତ୍ରୀ ଅରୁଣ ସାହୁଙ୍କ ଖାସ୍ ଲୋକ । ବିରଜା ଓ ଲୋକନାଥ ଓଡ଼ଗାଁ ବ୍ଲକର ଚେୟାରମ୍ୟାନ ପଦବୀରେ ରହି ସାରିଛନ୍ତି । ଜିଲା ପରିଷଦର ଚେୟାରମ୍ୟାନ ପଦବୀ ପାଇଁ ବିରଜାଙ୍କୁ ପ୍ରାର୍ଥୀ କରାଯିବା ବୋଲି ଯୋଜନା ରହିଛି । ବିରଜା ହାରିଲେ ମନ୍ତ୍ରୀଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆସିବ । ଅନ୍ୟପକ୍ଷେ ୧ନଂ.ଜୋନ୍‌ରେ ଝିଲି ପ୍ରଧାନଙ୍କୁ ବିଜୟୀ କରିବାକୁ ଆପ୍ରାଣ ଉଦ୍ୟମ ଚାଲିଛି। ସେହିପରି ୩ନଂ.ଜୋନ୍‌ରେ ଚିନ୍ମୟୀ ଦାଶ ଓ ୪ନଂ. ଜୋନ୍‌ରେ ସଂଯୁକ୍ତା ପଢ଼ିହାରୀ ନିର୍ବାଚନ ଲଢୁଛନ୍ତି । ଏହି ଦୁଇ ଜୋନ୍ ଭାଜପା ଦଖଲରେ ଅଛି । ୨୦୧୭ ପଞ୍ଚାୟତ ନିର୍ବାଚନରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଚଳିତ ନିର୍ବାଚନରେ ଏହି ଦୁଇ ଜୋନ୍‌କୁ ବିଜେଡି ଦଖଲ କରିବାରୁ ରଣପୁର ବିଧାୟକ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି । ହେଲେ ଦଳୀୟକନ୍ଦଳ ରଣପୁର ବିଧାୟକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

### ଏମ୍‌ପିଙ୍କ ଦେଖାନାହିଁ

ଚଳିତ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡିକୁ କଡା ଟକ୍କର ଦେଉଛି ଭାଜପା । କଂଗ୍ରେସ ପୁଣି ତାର ସଙ୍ଗଠନ ବଢ଼ାଇବା ଆରମ୍ଭ କରିଛି । ୨୦୧୭ ନିର୍ବାଚନରେ ଭାଜପାର ଭଲ ସଙ୍ଗଠନ ନ ଥାଇ ମଧ୍ୟ ୩ ଓ ୪ନଂ.ଜୋନ୍‌କୁ ଦଖଲ କରିଥିଲା । ଜିଲାରେ ଭାଜପାର ଭୋଟ ୨ୟ ସ୍ଥାନରେ ରହିଥିଲା । ୨୦୨୨ ନିର୍ବାଚନରେ ମଧ୍ୟ ଭଲ ସଙ୍ଗଠନ ନାହିଁ। ହେଲେ ଭୋଟର ଶାସକଦଳର ବିକଳ୍ପ ଖୋଜୁଥିବାରୁ ଭାଜପାର କଳେବରବୃଦ୍ଧି ପାଉଛି । ଏଭଳିସ୍ଥଳେ ଓଡ଼ଗାଁ ବ୍ଲକ ପୁରୀ ଲୋକସଭା ନିର୍ବାଚନମଣ୍ଡଳୀରେ ଯାଉଥିବାବେଳେ ଏମ୍‌ପି ପିନାକୀ ମିଶ୍ରଙ୍କର ଦେଖା ନାହିଁ। ସେହିପରି ଭାଜପାର ଏମ୍‌ପି ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ ମଧ୍ୟ ଦେଖା ନାହିଁ। କଂଗ୍ରେସର ମଧ୍ୟ କେହି ବଡ଼ ନେତା ପ୍ରଚାରକୁ ଆସି ନାହାନ୍ତି ।

## ୮ ବୁଥ୍‌ରେ କଡ଼ା ସୁରକ୍ଷା ଦାବି କଲେ ଭାଜପା ପ୍ରାର୍ଥୀ

**ଗୋପାଳପୁର,୧୪।୨(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ୫୩ ନମ୍ବର ଜୋନ ଜିଲା ପରିଷଦ ଜୋନ୍‌ରେ ଅତ୍ୟଧିକ ସମ୍ବେଦନଶୀଳ ୮ଟି ବୁଥରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବା ପାଇଁ ଭାଜପା ପ୍ରାର୍ଥିନୀ କାଜଲ ପାତ୍ର ଦାବି କରିଛନ୍ତି। କୋଠାରସିଙ୍ଗି ପଞ୍ଚାୟତ ମାଣିକପୁର ଗ୍ରାମର ୭, ୮ ନମ୍ବର ବୁଥ, ଚାନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ୯, ୧୦ ଓ ୧୧ ନଂ. ବୁଥ ଓ ବିଶ୍ୱନାଥପୁର ପଞ୍ଚାୟତ ଫିରାଜିପେଣ୍ଠ ଗ୍ରାମର ୪ ନଂ. ବୁଥ, ବାହାଦୁରପେଣ୍ଠ ଗ୍ରାମର ୬ ନଂ. ବୁଥ ଓ ହରଡଙ୍ଗ ଗ୍ରାମର ୭ ଓ ୮ ନଂ. ବୁଥ ଜବରଦଖଲ ଓ ରିଗିଂ ସମ୍ଭାବନା ଅଧିକ ରହିଛି। ତେଣୁ ସେ ସବୁ ବୁଥରେ ଅତ୍ୟଧିକ ପୋଲିସ ଫୋର୍ସ ମୁତୟନ ଓ ସିସିଟିଭି କ୍ୟାମେରା ଲଗାଇବା ପାଇଁ ପ୍ରାର୍ଥୀନି କାଜଲ ରାଜ୍ୟ ନିର୍ବାଚନ କମିଶନଠାରେ ଦାବି କରିଛନ୍ତି।

# ଟାୟାର ଜାଳି ବିଜେଡି କର୍ମୀଙ୍କ ରାସ୍ତା ଅବରୋଧ

**ନୟାଗଡ଼ ଅଫିସ/ଗଣିଆ, ୧୪।୨(ଡି.ଏନ୍.ଏ.)**

- ପଦାରେ ପଡିଲା ଦଳୀୟ କନ୍ଦଳ
- ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ ସଙ୍କେତ ମାରି ପ୍ରଚାରକୁ ବିରୋଧ

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଗଣିଆ ବ୍ଲକ ୮ନଂ. ଜିଲାପରିଷଦ ଜୋନ୍‌ରେ ଦିନକୁ ଦିନ ବିଜେଡି କନ୍ଦଳ ପଦାରେ ପଡିଛି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଜିଲା ପରିଷଦ ପ୍ରାର୍ଥୀ ନରେଶ ବେହେରାଙ୍କୁ ଧରି ଗାଁ ଗାଁ ବୁଲି ପ୍ରଚାର ଓ ବାଇକ୍ ରାଲି କରୁଛନ୍ତି । ହେଲେ ଅଧିକାଂଶ ସମୟରେ ତାଙ୍କୁ ଦଳୀୟ କର୍ମୀମାନେ ବିରୋଧ କରୁଥିବା ଦେଖିବାକୁ ମିଳିଛି।

ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନେ ଦଳୀୟ ସଙ୍କେତ ଧରି ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିବାରୁ ସୋମବାର ବିବାଦ ସୃଷ୍ଟି ହୋଇଥିଲା। ଜିଲା ପରିଷଦ ପ୍ରାର୍ଥୀଙ୍କ ଶଙ୍ଖ ଚିହ୍ନ ବ୍ୟତୀତ ଅନ୍ୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନକୁ ହଟାଇବା ଦାବିରେ ଛାମୁଣ୍ଡିଆ ପଞ୍ଚାୟତର ବେଣ୍ଟପଡ଼ା ମାଳିସାହି ଛକଠାରେ ସୋମବାର ଅପରାହ୍ନ ସାଢ଼େ ୫ଟାରୁ ରାସ୍ତାରେ ଟାୟାର ଜାଳି ୨୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ବିରୋଧ ପ୍ରଦର୍ଶନ କରିଥିଲେ।

ପ୍ରକାଶଯେ ନିର୍ବାଚନ ପ୍ରଚାରରେ ଶାସକ ଦଳର ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଅଣଦେଖା ପ୍ରତିବାଦରେ ପତଙ୍ଗାରେ କଳାପତାକା ପ୍ରଦର୍ଶନ ଶନିବାର କରାଯାଇଥିଲା । ସୋମବାର ଅପରାହ୍ନରେ ଦଶପଲ୍ଲା ବିଧାୟକ, ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ଓ ବ୍ଲକ ବିଜେଡି ସଭାପତି ସଦାଶିବ ମିଶ୍ର ଜିଲା ପରିଷଦ ପ୍ରାର୍ଥୀ ନରେଶ ବେହେରାଙ୍କୁ ନେଇ ବେଲପଡାପାଟଣା, ରାସଙ୍ଗ ଓ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଗାଁକୁ ପ୍ରଚାର ଓ ବାଇକ ରାଲି କରୁଥିଲେ । ଛାମୁଣ୍ଡିଆ ପଞ୍ଚାୟତରେ ଶାସକଦଳର ଗୋଟିଏ ପକ୍ଷର ସମିତି ଓ ସରପଞ୍ଚ ପ୍ରାର୍ଥୀଙ୍କୁ ସାଙ୍ଗରେ ନେଇ ବିଧାୟକ ପ୍ରଚାରକୁ ବାହାରିଥିଲେ। ଏପରି ସମୟରେ ଶାସକ ଦଳର ଅପରପକ୍ଷର ପ୍ରାର୍ଥୀଙ୍କ ସହଯୋଗୀମାନେ ଏହାକୁ ବିରୋଧ କରିଥିଲେ । ଜିଲା ପରିଷଦ ପ୍ରାର୍ଥୀଙ୍କ ଶଙ୍ଖ ଚିହ୍ନ ବ୍ୟତୀତ ଅନ୍ୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନୀ ଚିହ୍ନ ଶୋଭାଯାତ୍ରାରେ ରହିବ ନାହିଁ ବୋଲି ଅଡି ବସିଥିଲେ । ଗଣ୍ଡଗୋଳକୁ ଏଡ଼ାଇବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ସରପଞ୍ଚ ଓ ସମିତିସଭ୍ୟ ମାନେ ସେମାନଙ୍କର ଚିହ୍ନ ଶୋଭାଯାତ୍ରରୁ ହଟାଇ ନେବେ । କିନ୍ତୁ ବିଜେଡି ବ୍ଲକ ସଭାପତିଙ୍କ ଇଶାରା କ୍ରମେ ସରପଞ୍ଚ ଓ ସମିତିସଭ୍ୟମାନେ ଶୋଭାଯାତ୍ରାରେ ସେମାନଙ୍କ ଚିହ୍ନ ଧରି ଆଗେଇ ଚାଲିଥିଲେ । ସରପଞ୍ଚ ଓ ସମିତି ସଭ୍ୟଙ୍କ ଶୋଭାଯାତ୍ରରୁ ହଟାଇବା ଦାବି କରି କରି ବିଧାୟକ ଓ ବ୍ଲକ ସଭାପତିଙ୍କୁ ବିରୋଧ କରି ନାରାବାଜି କରିଥିଲେ। ମାଳିସାହି ଛକଠାରେ ରାସ୍ତାରେ ଟାୟାର ଜାଳି ଅପରାହ୍ନ ସାଢ଼େ ୫ଟାରେ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ୨ଘଣ୍ଟା ଧରି ଆଲୋଚନା ପର୍ଯ୍ୟାଲୋଚନା ପରେ ସରପଚଂ ଓ ସମିତିସଭ୍ୟଙ୍କ ସମର୍ଥକଙ୍କ ମାନଙ୍କ ବାଇକରେ ଲାଗିଥିବା ନିବାଚନୀ ଚିହ୍ନକୁ ହଟାଯିବା ପରେ ରାଲି ଓ ବାଇକ ଶୋଭାଯାତ୍ରା କରାଯାଇଥିଲା ।


ବିଜେଡି କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

### ରାତିରେ ନିର୍ବାଚନ ପ୍ରଚାର

ମାଳିସାହି ଛକଠାରେ ରାସ୍ତା ଅବରୋଧ ସନ୍ଧ୍ୟାସାଢ଼େ ୭ଟାରେ ହଟିଥିଲା। ରାସ୍ତାରୋକୋ ହଟିଲାପରେ ଛାମୁଣ୍ଡିଆଓ ବଡସିଲିଙ୍ଗା ପଞ୍ଚାୟତ ଅଞ୍ଚଳରେ ନିର୍ବାଚନ ପ୍ରଚାର ଚାଲିଲା । ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଙ୍ଘନ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି । ଅନ୍ୟପକ୍ଷେ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ ଏହାକୁ ବିରୋଧ କରିଛନ୍ତି । ରାତ୍ରିରେ ପ୍ରଚାର ଅଚରଣ ବିଧିକୁ ଉଲଘଂନ କରୁଥିବାରୁ ନିର୍ବାଚନ କମିଶନର ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଯୋଗ କରିଛନ୍ତି ।